## ସଂକ୍ଷେପରେ

### ବ୍ୟାପୁଛି ଚକ୍ଷୁ ସଂକ୍ରମଣ, ବିଦ୍ୟାଳୟରେ ଉପସ୍ଥାନ କମ୍

ପାଣିକୋଇଲି,୬।୭(ବିକାଶ ମଲ୍ଲିକ): ବର୍ତ୍ତମାନ ସବୁଠି ଚକ୍ଷୁ ସଂକ୍ରମଣ ରୋଗ ଦେଖାଦେଇଛି। ସର୍ତକତା ଅବଲମ୍ବନ କରି ନିୟମିତ ଔଷଧ ସେବନ କଲେ ଏହା ୨ ଦିନ ମଧ୍ୟରେ ଭଲ ହେବ ବୋଲି ବିଷେଷଜ୍ଞମାନେ ମତ ଦେଇଛନ୍ତି। ମାତ୍ର ଏଥିରେ ପିଲାଙ୍କଠାରୁ ଆରମ୍ଭ କରି ବହୁ ବ୍ୟକ୍ତି ଶିକାର ହେବା ଦେଖିବାକୁ ମିଳିଛି। ବିଶଷକରି ବହୁଳ ଭାବେ ବିଦ୍ୟାଳୟ ଛାତ୍ରୀଛାତ୍ର ପ୍ରଭାବିତ ହୋଇଛନ୍ତି। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ରୋଷେଇଆ ବି ବାଦ ପଡି ନାହାନ୍ତି। ବିଦ୍ୟାଳୟ ଗୁଡ଼ିକରେ ଏହାକୁ ଦେଖି ଯେଉଁମାନେ ଆକ୍ରାନ୍ତ ହୋଇଛନ୍ତି ସେମାନଙ୍କୁ ବିଦ୍ୟାଳୟ ଆସିବାକୁ ବାରଣ କରାଯାଇଛି। ଖରାରେ ସେମାନେ ଆସିଲେ ଅଧିକ ସଂକ୍ରମିତ ହେବା ସହ ଅନ୍ୟମାନେ ଏହାର ଶିକାର ହେବା ସମ୍ଭାବନା ଉପୁଜିଛି। ଫଳରେ ବିଦ୍ୟାଳୟରେ ଉପସ୍ଥାନ ଅଧାରୁ ତଳକୁ ଖସିଆସିଛି। ଅସାବଧାନତା ହେତୁ ଅନେକ ଚକ୍ଷୁରୋଗରେ ସଂକ୍ରମିତ ହେବା ଦେଖାଦେଇଛି। ଏହାକୁ ନେଇ ସାଧାରଣରେ ଭୟ ସଂଚାର ହୋଇଛି। ତେଣୁ ବିଦ୍ୟାଳୟରେ ଚକ୍ଷୁ ପରୀକ୍ଷା ଓ ସଚେତନତା କାର୍ଯ୍ୟକ୍ରମ କରାଯିବାର ଆବଶ୍ୟକତା ରହିଛି। ଏଦିଗରେ ଜିଲା ସ୍ୱାସ୍ଥ୍ୟବିଭାଗ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

### ବୃକ୍ଷ ସବୁଠାରୁ ବିଶ୍ୱସ୍ତ ବନ୍ଧୁ

ଛତିଆ,୬।୭(ସୌମ୍ୟରଞ୍ଜନ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବନମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ନିତ୍ୟାନନ୍ଦ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଡାଲମିଆଁ ସିମେଣ୍ଟର ସିଏସ୍‌ଆର୍ ମୁଖ୍ୟ କବିତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବାୟୁମଣ୍ଡଳର ଉତ୍ତାପ ହ୍ରାସ ଓ ପରିବେଶର ଭାରସ୍ୟାମ ରକ୍ଷା ପାଇଁ ଚାରାରୋପଣର ଆବଶ୍ୟକତା ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ପ୍ଲାଷ୍ଟିକର ଭୟାବହତା ସମ୍ବନ୍ଧରେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଶୋଭାରାଣୀ ମହାନ୍ତି ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ସବୁଜ ଶପଥ କରାଇଥିଲେ। ପରିଚାଳନା ସମିତ ସଭାପତି ନାୟକ ବୃକ୍ଷକୁ ସବୁଠାରୁ ବିଶ୍ୱସ୍ତ ବନ୍ଧୁ ବୋଲି କହିଥିଲେ। କାର୍ଯ୍ୟକ୍ରମ ପାରମ୍ଭରେ ପ୍ରଧାନଆଚାର୍ଯ୍ୟ ଡମ୍ବରୁଧର ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟା ମନ୍ଦିର ପରିସରରେ ବିଭିନ୍ନ ଚାରାରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ କୁମାର ନାୟକ, ସରୋଜକାନ୍ତ ନାୟକ, ଗଙ୍ଗାପ୍ରସାଦ ପରିଡ଼ା, ତୃଷ୍ଣା ବିଶ୍ୱାଳ, ଉର୍ବଶୀ ରାଉଳ ଓ ଝୁନା ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଇକୋ କ୍ଲବ ଅଧିକାରୀ ମଙ୍ଗରାଜ ଦାସ ଧନ୍ୟବାଦ ଦେଇଥିଲେ।

# ବିଦ୍ୟାଳୟ ଫାଟକରେ ତାଲା ପକାଇଲେ ଛାତ୍ରୀଛାତ୍ର

## ଶିକ୍ଷକଙ୍କ ବଦଳି ବାତିଲ ଦାବି

ବିଞ୍ଝାରପୁର,୬।୭(ରାମକୃଷ୍ଣ ଦାସ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଛୋଳ ପଞ୍ଚାୟତ ଦାଣ୍ଡିସାହି ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ବଦଳିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଶିକ୍ଷକ ଅମର ଦାସଙ୍କ ବଦଳିକୁ ବିରୋଧ କରି ଗୁରୁବାର ଗ୍ରାମବାସୀ, ଅଭିଭାବକ ଓ ଛାତ୍ରୀଛାତ୍ର ବିଦ୍ୟାଳୟ ଫାଟକରେ ତାଲା ପକାଇବା ସହିତ ତାଙ୍କ ବଦଳି ବାତିଲ ଦାବିରେ ହୋହଲ୍ଲା କରିଛନ୍ତି।

ଛାତ୍ରୀଛାତ୍ରଙ୍କ ଉପସ୍ଥାନ କମ ଯୋଗୁ ୨ ବର୍ଷ ହେବ ଶିଅଳପଡ଼ା ପ୍ରାଥମିକ ବିଦ୍ୟାଳୟକୁ ଦାଣ୍ଡିସାହି ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ସହିତ ମିଶ୍ରଣ କରାଯାଇଛି। ଏହି ଆଧାରରେ ଶିଅଳପଡ଼ାର ୨ ଶିକ୍ଷକଙ୍କୁ ମଧ୍ୟ ଏହି ବିଦ୍ୟାଳୟରେ ନିଯୁକ୍ତ କରାଯାଇଥିଲା। ବର୍ତ୍ତମାନ ଦାଣ୍ଡିସାହି ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ୭୧ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ମୋଟ୍ ୪ ଶିକ୍ଷକ ଅଛନ୍ତି। ପ୍ରତି ୩୦ଜଣ ଛାତ୍ରୀଛାତ୍ରରେ ଜଣେ ଶିକ୍ଷକ ନିଯୁକ୍ତ ରହିବା ନେଇ ସରକାରୀ ନିୟମ ରହିଛି। ମାତ୍ର ବିଞ୍ଝାରପୁର ବ୍ଲକରେ ଅନେକ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ପଡିଛି। ଚଳିତବର୍ଷ ୩୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଅବସର ଗ୍ରହଣ କରିଥିବାରୁ ଏବେ ବ୍ଲକରେ ଶିକ୍ଷକ ଅଭାବ ଆହୁରି ଉତ୍କଟ ହୋଇଛି। ଅନ୍ୟ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ପଦବୀ ଦୀର୍ଘଦିନ ହେବ ଖାଲି ପଡ଼ିଥିବାରୁ ଏବେ ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ ବଦଳି କରାଯାଇ ଯେଉଁ ବିଦ୍ୟାଳୟଗୁଡ଼ିକରେ ସମସ୍ୟା ରହିଛି ସେଥିରେ ଅବସ୍ଥାପିତ କରାଯାଉଛି। ଏହି ଆଧାରରେ ଦାଣ୍ଡିସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଦାସଙ୍କୁ ଓଳେଇ ଚନ୍ଦନପୁରକୁ ବଦଳି କରାଯାଇଛି। ସେ ମଧ୍ୟ ଓଳେଇ ଚନ୍ଦନପୁର ବିଦ୍ୟାଳୟରେ ଯୋଗଦେଇ ବିଭାଗକୁ ଅବଗତ କରିସାରିଛନ୍ତି। ହେଲେ ତାଙ୍କ ବଦଳି ବାତିଲ କରା ନ ଗଲେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଅଚଳାବସ୍ଥା ଲାଗି ରହିବ ବୋଲି ବିଦ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଥିବା ଅଭିଭାବକ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ କେଉଁ ପରିସ୍ଥିତିରେ ବିଦ୍ୟାଳରେ ତାଲା ପକାଗଲା, ସେ ନେଇ ଶିକ୍ଷା ବିଭାଗ ପକ୍ଷରୁ ବରିଷ୍ଠ ଅଧିକାରୀ ପ୍ରଧାନଶିକ୍ଷକଙ୍କ ଜରିଆରେ ତଦନ୍ତ କରିବେ ବୋଲି ବ୍ଲକ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳ ସୂଚନା ଦେଇଛନ୍ତି।


ଅଭିଭାବକ, ଛାତ୍ରୀଛାତ୍ର ବିଦ୍ୟାଳୟରେ ତାଲା ପକାଇ ହୋହଲ୍ଲା କରୁଛନ୍ତି।

# ଜିଲା ପରିଷଦ ସଭ୍ୟ, ସମିତିସଭ୍ୟ, ୱାର୍ଡ ସଭ୍ୟ ପଦ ପାଇଁ ଉପନିର୍ବାଚନ ତାରିଖ ଘୋଷଣା

ଧର୍ମଶାଳା,୬।୭(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଅଞ୍ଚଳରେ ଖାଲିପଡ଼ିଥିବା ଜିଲା ପରିଷଦ ସଭ୍ୟ, ସମିତିସଭ୍ୟ ଓ ୱାର୍ଡ ସବ୍ୟ ପଦ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ଗୁରୁବାର ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ତାରିଖ ଘୋଷଣା କରାଯାଇଛି। ଜିଲା ପରିଷଦ ସଭ୍ୟ ପଦ ପାଇଁ ପତ୍ର ସଂଖ୍ୟା ୨୨୬୯, ସମିତି ସଭ୍ୟ ପଦ ପାଇଁ ପତ୍ର ସଂଖ୍ୟା ୨୨୭୭ ଓ ୱାର୍ଡ ସଭ୍ୟ ପଦ ପାଇଁ ୨୨୮୪ରେ ତା:୬/୭/୨୦୨୩ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ୧୫ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଓ ନେଉଳପୁର ପଞ୍ଚାୟତର ସମିତିସଭ୍ୟାଙ୍କ ମୃତ୍ୟୁ ଓ ଚକ୍ରଧରପୁର ପଞ୍ଚାୟତର ୭ନଂ. ୱାର୍ଡ ସଭ୍ୟାଙ୍କ ଇସ୍ତଫା ଯୋଗୁ ଖାଲିପଡ଼ିଥିବା ପଦବୀରେ ଉପନିର୍ବାଚନ ହେବ। ଜୁଲାଇ ୧୪ରୁ ୧୭ ତାରିଖ ମଧରେ ନାମାଙ୍କନ ପତ୍ର ଦାଖଲ, ୧୮ ତାରିଖରେ ଯାଞ୍ଚ, ୨୦ ତାରିଖରେ ପ୍ରତ୍ୟାହାର ଓ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ। ଆବଶ୍ୟକସ୍ଥଳେ ଅଗଷ୍ଟ ୯ ତାରିଖ ସକାଳ ୭ଟାରୁ ଅପରାହ୍ନ ୧ଟା ମଧ୍ୟରେ ଭୋଟ ଗ୍ରହଣ କରାଯିବ। ମତଦାନ ପରେ ଭୋଟ ବାକ୍ସକୁ ସିଲ କରାଯାଇ ବ୍ଲକ କାର୍ଯ୍ୟାଳକୁ ଅଣାଯିବ। ୧୧ ତାରିଖରେ ସକାଳ ୮ଟାରୁ ପ୍ରାର୍ଥୀ ଓ ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ବିଡିଓ ତଥା ନିର୍ବାଚନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ ସୂଚନା ଦେଇଛନ୍ତି।

# ୨ ଶିକ୍ଷାନୁଷ୍ଠାନରେ ଚାରାରୋପଣ


ଲହଙ୍ଗାପାଟଣା ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି।

ଧର୍ମଶାଳା,୬।୭(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଉତ୍ତର ପ୍ରତାପ ପଞ୍ଚାୟତ ଅନ୍ତର୍ଗତ ନରସିଂହପୁରସ୍ଥିତ ଶ୍ରୀଦଧିବାମନ ଜୀଉ ସଂସ୍କୃତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବନମହୋତ୍ସବ ପାଳିତ ହୋଇଯାଇଛି। ଉତ୍ସବକୁ ମହାବିଦ୍ୟାଳୟ ଅଧକ୍ଷ ଡ. କୃଷ୍ଣଚନ୍ଦ୍ର ପାତ୍ର ଉଦ୍‌ଘାଟନ କରି ଚାରାରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କାର୍ଯକ୍ରମ ଅଧିକାରୀ ସୁଜାତା ଦାସ ଚାରାରୋପଣ ଉପରେ ଗୁରୁତ୍ୱଦେବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଅଧାପକ ଗିରିଧାରି ପଣ୍ଡା, ସୁରେଶ ଚନ୍ଦ୍ର ଲେଙ୍କା, ଅଧାପିକା ମନ୍ଦାକିନୀ ରାଉତ, ପ୍ରମିଳା ଦାସ ଓ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଆମ୍ବ, ଲିଚୁ, କମଳା, ଲେମ୍ବୁ ଓ ଆକାଶୀ ଆଦି ଚାରା ରୋପଣ କରାଯାଇଥିଲା। ସେହିପରି ଉଦୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଏହି ପଞ୍ଚାୟତ ଲହଙ୍ଗାପାଟଣା ସ୍କୁଲ୍ ପରିସରରେ ବିଭିନ୍ନ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ଖବରଦାତା ସୀତାକାନ୍ତ ସାମଲ, ସାମାଜିକ କର୍ମୀ କାହ୍ନୁଚରଣ ଦାଶ, ସାହିତ୍ୟିକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଦେବବ୍ରତ ରାଉତ, ପ୍ରତାପ ଚନ୍ଦ୍ର ଦାସ, ପ୍ରଧାନଶିକ୍ଷୟିତ୍ରୀ ଭଞ୍ଜନା ସାହୁ ଓ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ପ୍ରମୁଖ ଯୋଗଦେଇ ଔଷଧୀୟ ଓ ଫଳଚାରା ରୋପଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅନିଲ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ମୁଖ୍ୟ ଚିକିତ୍ସାଳୟ ମାତୃ ଓ ଶିଶୁ ଭବନର ଦୁରବସ୍ଥା


ମୁଖ୍ୟ ଚିକିତ୍ସାଳୟ ମାତୃ ଓ ଶିଶୁ ଭବନ କୋଠା।

ଯାଜପୁର ଟାଉନ,୬।୭ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

## କାନ୍ଥରୁ ଛାଡ଼ିଲାଣି ରଙ୍ଗ, ଛାଡୁଛି ପୁଳାପୁଳା ପ୍ଲାଷ୍ଟର

ଯାଜପୁର ଜିଲାରେ ସ୍ୱାସ୍ଥସେବାକୁ ନେଇ ଅନେକ ପ୍ରଚାର କରାଯାଉଛି। ଜିଲାରେ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ପ୍ରଶାସନିକ ଓ ରାଜନୀତିକସ୍ତରରେ ଆଲୋଚନା ହେଉଛି। କିନ୍ତୁ ବାସ୍ତବତାର ସ୍ୱାସ୍ଥ୍ୟସେବା ସଂପୂର୍ଣ୍ଣ ଭିନ୍ନ। ଭିତର ସ୍ୱାସ୍ଥ୍ୟସେବା ଅପେକ୍ଷା ବାହାର ଚିକିତ୍ସାଳୟର ଦୟନୀୟ ଚିତ୍ର ସ୍ୱାସ୍ଥ୍ୟସେବାର ବାସ୍ତବତାକୁ ପଦାରେ ପକାଉଛି। ଯାଜପୁର ମୁଖ୍ୟ ଚିକିତ୍ସାଳୟ ଉପରେ ଯାଜପୁର ସମେତ ଭଦ୍ରକ, କେନ୍ଦ୍ରାପଡ଼ା ଓ କେନ୍ଦୁଝର ଜିଲାର ରୋଗୀ ନିର୍ଭର କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ମାତ୍ର କିଛି ବର୍ଷ ତଳେ ୫ ମହଲା ବିଶିଷ୍ଟ ମାତୃ ଓ ଶିଶୁ ବିଭାଗ କୋଠା ନିର୍ମାଣ କରାଯାଇଥିଲା। କିନ୍ତୁ ଏବେ ଏହି ଚିକିତ୍ସାଳୟ କାନ୍ଥରୁ ପୁଳା ପୁଳା ପ୍ଲାଷ୍ଟର ଖସିପଡୁଥିବାବେଳେ ଅନେକ ସ୍ଥାନରେ ରଙ୍ଗ ଛାଡ଼ିଯାଉଛି। କାନ୍ଥରେ ବର୍ଷାପାଣି ପଶି ଭିତର ପାର୍ଶ୍ୱକୁ ଓଦା କରୁଥିବାବେଳେ ଅନେକ ସ୍ଥାନରେ ଅନାବନା ଗଛ ପୁରା ଚିକିତ୍ସାଳୟକୁ ଭୂତକୋଠି ପରି ସଜାଇ ଦେଇଛି। ଏପରି ରୂପ ଦେଖି ଅନେକ ସରକାରୀ ଡାକ୍ତର ଖାନାରୁ ମୁହଁ ବୁଲାଉଛନ୍ତି। ଚିକିତ୍ସାଳୟକୁ ଆସୁଥିବା ହଜାରହଜାର ସଂଖ୍ୟକ ଲୋକ ଏହି ରଙ୍ଗହୀନ ୫ ମହଲା ଦେଖି ନାକ ଟେକୁଥିବାବେଳେ ଅନେକ ଏହାକୁ ବିକଶାର ନମୁନା କହି ଅଟହସ୍ୟ କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଏହାର ମରାମତି କରିବା ସହ ଏକ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବାକୁ ଦାବି ହୋଇଛି।

## ସ୍ୱାଭିମାନ ମଞ୍ଚର ସାଧାରଣ ବୈଠକ

କାଏମା,୬।୭(ଶିବପ୍ରସାଦ ମହାନ୍ତି):

ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସ୍ୱାଭିମାନ ମଞ୍ଚର ଏକ ସାଧାରଣ ବୈଠକ ବଡ଼କାଏମା ପଞ୍ଚାୟତ ଅଧୀନ କାଏମା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚ ସଭାପତି ସୁଧାକର ସାହୁ ସଭାପତିତ୍ୱ କରିଥିଲେ। ସଭାପତି ବୈଠକରେ ମଞ୍ଚର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ମଞ୍ଚ ତରଫରୁ ପରସ୍ପର ମଧ୍ୟରେ ଭାଇଚାରା ବଜାୟ ରଖି ଅନ୍ୟକୁ ସହଯୋଗର ହାତ ବଢ଼ାଇବା ଭଳି କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହିତ ପୂର୍ବ ବୈଠକର ଆୟବ୍ୟୟ ହିସାବ ସହିତ ପ୍ରସ୍ତାବଗୁଡ଼ିକୁ ଗୃହୀତ କରାଯାଇଥିଲା। ଏବେ ବର୍ଷା ହେଉଥିବାରୁ ଅଞ୍ଚଳରେ ଅପରିଷ୍କାର ସ୍ଥାନକୁ ସଫେଇ କରିବା ଓ ଚାରାରୋପଣ ପାଇଁ ମଞ୍ଚ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଅସହାୟ ପରିବାରକୁ ରାଶନ ଯୋଗାଇ ଦେବାପାଇଁ ଆଲୋଚନା ହୋଇଥିଲା। ବୈଠକରେ ଶିଶିର କୁମାର ମାହାଣା, ନିକୁଞ୍ଜ ବେହେରା, ଦିଲୀପ ପ୍ରଧାନ, ଶିବପ୍ରସାଦ ମହାନ୍ତି, ଦେବବ୍ରତ ପଣ୍ଡା, ମାନସ ରଞ୍ଜନ ମଲ୍ଲିକ, ବିନୋଦ ବେଜ, ଗୌତମ ମନ୍ତନ, କାର୍ତ୍ତିକ ମଲ୍ଲିକ ଓ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶିଶିର ମାହାଣା ଧନ୍ୟବାଦ ଦେଇଥିଲେ।

## ତହସିଲ ପକ୍ଷରୁ ଚଢ଼ାଉ: ୨ ଗାଡ଼ି ଜବତ

ଧର୍ମଶାଳା,୬।୭(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ତହସିଲ ଅଧୀନ ବାଜାବାଟି କଳାପଥର ଖାଦାନରେ ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ୨ ଗାଡ଼ି ଜବତ କରାଯାଇଛି। ବାଜାବାଟି ଅଣଲିଜ ଖାଦାନରୁ ବେଆଇନଭାବେ କଳାପଥର ପରିବହନ ହେଉଥିବା ଖବର ପାଇ ତହସିଲଦାର ସ୍ୱାଗତ ଦାସ, ନାକପୋଲ ଆର୍‌ଆଇ ବିରଞ୍ଚି ନାରାୟଣ ବୋଇତେଇ, ବଳରାମପୁର ଆର୍‌ଆଇ ଚନ୍ଦନ କୁମାର ସାହୁ, ଏଆର୍‌ଆଇ ଜଗବନ୍ଧୁ ଜେନା ପ୍ରମୁଖ ଚଢ଼ାଉ କରିଥିଲେ। ଏହି ସମୟରେ ନିକଟସ୍ଥ ମାଣ୍ଡିଆ ଛକରୁ କଳାପଥର ବୋଝେଇ ଏକ ହାଇୱା ଓ ଏକ ଟିପ୍ପର ଗାଡ଼ିକୁ ଜବତ କରିଥିଲେ। ଗାଡ଼ି ଦୁଇଟିକୁ ଧର୍ମଶାଳା ଥାନାରେ ରଖାଯାଇଛି।

# କାର୍ଯ୍ୟକ୍ଷମ ହେଉନି ବିଦ୍ୟୁତ୍ ଷ୍ଟ୍ରକ୍‌ଚର

ବ୍ରହ୍ମବରଦା,୬।୭ (ଯଯାତି କେଶରୀ ବେହେରା):

## ୩ ଦିନ କହି ୩୦ ଦିନ ବିତିଲାଣି

ରସୁଲପୁର ବ୍ଲକ୍ ଅଧୀନ ବ୍ରହ୍ମବରଦା କଲେଜ ନିକଟରେ ନବନିର୍ମିତ ୩୩/୧୧ କେଭି ବିଦ୍ୟୁତ୍ ଷ୍ଟ୍ରକ୍‌ଚର ଜୁନ ୮ତାରିଖରେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରି ୩ ଦିନ ଭିତରେ କାର୍ଯ୍ୟକ୍ଷମ କରାଯିବ ବୋଲି କହିବା ସହ ବ୍ରହ୍ମବରଦା ଓ ଏହାର ଆଖପାଖ ୧୦ରୁ ଊର୍ଦ୍ଧ୍ୱ ଗାଁର ବିଦ୍ୟୁତ୍ ଉପଭୋକ୍ତା ଲୋ-ଭୋଲଟେଜ ସମସ୍ୟାରୁ ମୁକ୍ତି ପାଇବେ ବୋଲି ପ୍ରକାଶ କରିଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ, ଏ ପର୍ଯ୍ୟନ୍ତ ଷ୍ଟ୍ରକ୍‌ଚର କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ଷ୍ଟ୍ରକ୍‌ଚର ଉଦ୍‌ଘାଟନ ପରଠାରୁ ଅଘୋଷିତ ବିଦ୍ୟୁତ୍ କାଟ ଓ ଲୋ-ଭୋଲଟେଜ ସମସ୍ୟା ବୃଦ୍ଧି ପାଇବାରେ ଲାଗିଥିବା ଅଭିଯୋଗ ହୋଇଛି।

ଷ୍ଟ୍ରକ୍‌ଚର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ସରିଥିଲେ ସୁଦ୍ଧା ଠିକାଦାର ବିଭାଗକୁ ହସ୍ତାନ୍ତର କରୁନାହାନ୍ତି ଏବଂ କିଛି ଯାନ୍ତ୍ରିକ ତ୍ରୁଟି ରହିଥିବା ବିଭାଗ ପକ୍ଷରୁ ଦର୍ଶାଯାଉଛି। ଏଠାରେ ପ୍ରଶ୍ନ ଉଠୁଛି ଷ୍ଟ୍ରକ୍‌ଚର କାମ ସମ୍ପୂର୍ଣ୍ଣ ନ କରି ତରବରିଆ ଭାବେ କାହିଁକି ଉଦ୍‌ଘାଟନ କରାଗଲା। ଏନେଇ କୁଆଖିଆ ବିଦ୍ୟୁତ୍ ଉପଖଣ୍ଡ ଏସ୍‌ଡିଓ ସିତାଂଶୁ ଶେଖର ଶତପଥୀଙ୍କୁ ପଚାରିବାରେ ସେ କହିଛନ୍ତି, ୩୩/୧୧ କେଭି ବିଦ୍ୟୁତ୍ ଷ୍ଟ୍ରକ୍‌ଚରକୁ ଚାର୍ଜ ପାଇଁ ୧୨ ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ କରବାକୁ ପଡ଼ିବ, ଯାହାକି ବର୍ତ୍ତମାନ ସମୟରେ ସମ୍ଭବ ନୁହେଁ। ଅଳ୍ପ କିଛି କାମ ବାକି ରହିଯାଇଛି। ତାହା ସମ୍ପୂର୍ଣ୍ଣ ହେବାପରେ ଷ୍ଟ୍ରକ୍‌ଚରକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବ।



ଧର୍ମଶାଳା ଅଞ୍ଚଳର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କ ବିରୋଧରେ ହୋଇଥିବା ମାମଲା ପ୍ରତ୍ୟାହାର ଦାବିରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଗୁରୁବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ: ମନୋରଞ୍ଜନ ମିଶ୍ର)

# ଭ୍ରୁଣ ନିରୂପଣ ଉପରେ ନଜର ରଖିବାକୁ ନିର୍ଦ୍ଦେଶ

## ଜିଲାସ୍ତରୀୟ ପିସିପିଏନ୍‌ଡିଟି ପରାମର୍ଶ ବୈଠକ

ଯାଜପୁର ଟାଉନ,୬।୭ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଗୁରୁବାର ଜିଲାସ୍ତରୀୟ ପ୍ରି କନ୍‌ସେପ୍‌ସନ୍ ଆଣ୍ଡ୍ ପ୍ରି ନତଲ ଡାଇଗ୍ନୋଷ୍ଟିକ୍ ଟେକ୍‌ନିକ୍‌ସ (ପିସିପିଏନ୍‌ଡିଟି) ପରାମର୍ଶ ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଅଧକ୍ଷତା କରି ଗର୍ଭବସ୍ଥାରେ ଲିଙ୍ଗ ନିରୂପଣ ଏକ ଦଣ୍ଡନୀୟ ଅପରାଧ ବୋଲି ପ୍ରକାଶ କରିଥିଲେ। ପୁଅ ଓ ଝିଅଙ୍କ ସମାନୁପାତିକହାର କମିଯାଇଥିବାରୁ ରାଜ୍ୟ ସରକାର ଲିଙ୍ଗ ନିରୂପଣ କରି ଭ୍ରୁଣ ହତ୍ୟାକୁ ବେଆଇନ ଘୋଷଣା କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ବେଆଇନ ଭାବେ ଭ୍ରୁଣ ନିରୂପଣ କରୁଥିବା ଅଲ୍‌ଟ୍ରାସାଉଣ୍ଡ କ୍ଲିନିକ୍‌ଗୁଡିକ ଉପରେ ନିରନ୍ତର ଚଢ଼ାଉ ଜାରି ରହିଛି। ଯାଜପୁର ଜିଲାରେ ଯେଉଁଳି ବେଆଇନ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଲୁଚିଛପି ଏଭଳି ଘୃଣ୍ୟ କାର୍ଯ୍ୟ ନ କରନ୍ତି ସେଥିପ୍ରତି ଜିଲା ପ୍ରଶାସନ ତୀକ୍ଷ୍ଣ ନଜର ରଖିବାକୁ ଜିଲାପାଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଜିଲାରେ ଥିବା ସ୍ୱାସ୍ଥ୍ୟସେବାକୁ ତ୍ୱରାନ୍ୱିତ କରିବା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମକି ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକୁ ନିରନ୍ତର ଧ୍ୟାନ ଦେବାକୁ ଗୁରୁତ୍ୱାରୋପ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସିବାଶିଷ ମହାରଣା ଯୋଗଦେଇ ଜିଲାରେ କାର୍ଯ୍ୟ କରୁଥିବା ସରକାରୀ ଏବଂ ପଞ୍ଜୀକୃତ ଅଲ୍‌ଟ୍ରାସାଉଣ୍ଡ ସେଣ୍ଟରଗୁଡ଼ିକର କାର୍ଯ୍ୟ ଧାରା ଉପରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଜିଲାରେ ୪୦ ପଞ୍ଜୀକୃତ ଅଲ୍‌ଟ୍ରାସାଉଣ୍ଡ କେନ୍ଦ୍ର ମଧ୍ୟରୁ ୫ ସରକାରୀ ହୋଇଥିବାବେଳେ ୩୫ ବେସରକାରୀ ଅଛି। ସେଥି ମଧ୍ୟରୁ ୩୨ ୟୁନିଟ୍ କାର୍ଯ୍ୟ କରୁଛି। ୪ ଅଲ୍‌ଟ୍ରାସାଉଣ୍ଡ କେନ୍ଦ୍ରକୁ କାରଣ ଦର୍ଶାଅ ନୋଟିସ ଦିଆଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି। ଏହି ବୈଠକରେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ନଗେନ୍ଦ୍ର ମହାପାତ୍ର, ଭେଷଜ ବିଶେଷଜ୍ଞ ଡା. ପ୍ରଫୁଲ ଚନ୍ଦ୍ର ଦୀକ୍ଷିତ, ଶିଶୁରୋଗ ବିଶେଷଜ୍ଞ ଡା. ଆନନ୍ଦ ଗୋପାଳ ମହାନ୍ତି, ସଦସ୍ୟ ଡା. ରାଜକିଶୋର ପଣ୍ଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଆଲୋକ ପାଣି, ଗୋପାଳ ଚନ୍ଦ୍ର ନାୟକ ଓ ପ୍ରେମଲତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାସ୍ତରୀୟ ପିସିପିଏନ୍‌ଡିଟି ପରାମର୍ଶ ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

## ସଂକ୍ଷେପରେ

### ଜାଭିୟର ସ୍କୁଲରେ ଚାରାରୋପଣ



ଆଲି,୬।୭(ବନମାଳୀ ସେନାପତି ): ଦିନକୁ ଦିନ ପରିବେଶ ପ୍ରଦୂଷଣ ହେଉଥିବା ବେଳେ ବୃକ୍ଷରୋପଣ ବଦଳରେ ସବୁଠି ବୃକ୍ଷ କାଟ୍ ହେଉଥିବା ଦେଖିବାକୁ ମିଳିଛି। ଏହି ଅବସରରେ ଆଲି ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲରେ ପରିବେଶ ସୁରକ୍ଷା ନିମନ୍ତେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବୃକ୍ଷରୋପଣ ଉପକାରିତା ଉପରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏଥିରେ ସିଆରସିସି ପ୍ରକାଶ ଚନ୍ଦ୍ର ପାତ୍ର ଓ ବିଦ୍ୟାଳୟର ଅଧକ୍ଷ ଡ. ଦୁର୍ଯ୍ୟୋଧନ ଦାଶ ଏବଂ ଉପାଧକ୍ଷ ଅକ୍ଷୟ କୁମାର ପଣ୍ଡା ଭାଗ ନେଇଥିଲେ। ଏହାପରେ ପ୍ରବୀର କୁମାର ସ୍ୱାଇଁ ଓ ଅସ୍ମିତା ମଲ୍ଲିକ ପିଲାମାନଙ୍କୁ ନେଇ ବୃକ୍ଷରୋପଣ କରିଥିଲେ। ଏହି ସମୟରେ ଅଧକ୍ଷ, ଉପାଧକ୍ଷ ଓ ସିଆରସିସି ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧକ୍ଷ ଦାଶ କହିଥିଲେ ଯେ, ଆଗାମୀ ଦିନରେ ଆଲିର ବିଭିନ୍ନ ଅଞ୍ଚଳରେ ବିଦ୍ୟାଳୟ ପକ୍ଷରୁ ବୃକ୍ଷରୋପଣ କରାଯିବ।

### ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୩ତମ ଜୟନ୍ତୀ

ରାଜନଗର,୬।୭ (ଭାସ୍କର ରାଉତରାୟ): ରାଜନଗର ବ୍ଲକ ଜରିମୂଳ ଠାରେ ପ୍ରଖର ରାଷ୍ଟ୍ରବାଦୀ ନେତା, ମହାନ ରାଷ୍ଟ୍ରଭକ୍ତ ଓ ଜନସଂଘର ପ୍ରତିଷ୍ଠାତା ଡଃ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୩ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ଭାଜପା ନେତା ଅଜୟ କୁମାର ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ଏହି ଜନ୍ମଜୟନ୍ତୀ କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ସାହୁ, ଗଣେଷ ସାମଲ, କ୍ଷେତ୍ରବାସୀ ବିଶ୍ୱାଳ, ସସ୍ମିତା ପାତ୍ର, ମକରା ପାତ୍ର, ବାବୁରାମ ମଲ୍ଲିକ, ବୁଲୁ ମିଶ୍ର, ସୁବାଷ ରାଉତ, ଧରଣୀ ସାହୁ, ଭରତ ପାତ୍ର, ବିଶ୍ୱନାଥ ବିଶ୍ୱାଳ, ରାଜେଶ ବାରିକ ପ୍ରମୁଖ ଯୋଗଦେଇ ଡଃ. ମୁଖାର୍ଜୀଙ୍କ ଆଦର୍ଶ ଓ ଦେଶ ପାଇଁ ଅବଦାନ ସଂପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଯୋଗଦେଇଥିଲେ।

### ତହସିଲ ପକ୍ଷରୁ ଚଢ଼ାଉ: ୨ ଗାଡ଼ି ଜବତ

ଧର୍ମଶାଳା,୬।୭(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ତହସିଲ ଅଧୀନ ବାଜାବାଟି କଳାପଥର ଖାଦାନରେ ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ୨ ଗାଡ଼ି ଜବତ କରାଯାଇଛି। ବାଜାବାଟି ଅଣଲିଜ ଖାଦାନରୁ ବେଆଇନଭାବେ କଳାପଥର ପରିବହନ ହେଉଥିବା ଖବର ପାଇ ତହସିଲଦାର ସ୍ୱାଗତ ଦାସ, ନାକପୋଲ ଆର୍‌ଆଇ ବିରଞ୍ଚି ନାରାୟଣ ବୋଇତେଇ, ବଳରାମପୁର ଆର୍‌ଆଇ ଚନ୍ଦନ କୁମାର ସାହୁ, ଏଆର୍‌ଆଇ ଜଗବନ୍ଧୁ ଜେନା ପ୍ରମୁଖ ଚଢ଼ାଉ କରିଥିଲେ। ଏହି ସମୟରେ ନିକଟସ୍ଥ ମାଣ୍ଡିଆ ଛକରୁ କଳାପଥର ବୋଝେଇ ଏକ ହାଇୱା ଓ ଏକ ଟିପ୍ପର ଗାଡ଼ିକୁ ଜବତ କରିଥିଲେ। ଗାଡ଼ି ଦୁଇଟିକୁ ଧର୍ମଶାଳା ଥାନାରେ ରଖାଯାଇଛି।

# ବିଏଲ୍‌ଏଫ୍ ପ୍ରକୋଷ୍ଠରେ ତାଲା ପଡ଼ିବାକୁ ନେଇ ପାଟିତୁଣ୍ଡ

ଡେରାବିଶ,୬।୭ (ବେବର୍ତ୍ତା ଅଜୟ ଦାସ)

**ଡେରାବିଶ ମିଶନଶକ୍ତି ବିଭାଗ**
- ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଲା ଖୋଲିବାକୁ ପିଡ଼ି, ଡିପିସିଙ୍କୁ ଭେଟିଲେ ବିଏଲ୍‌ଏଫ୍ କର୍ମକର୍ତ୍ତା
- ୧୮ ପ୍ରାର୍ଥୀଙ୍କ ଚୂଡ଼ାନ୍ତ ତାଲିକାରେ ଅନିଶ୍ଚିତତା

ଡେରାବିଶ ବ୍ଲକ ବିଏଲ୍‌ଏଫ୍ ପ୍ରକୋଷ୍ଠରେ ମାସାଧିକ କାଳ ତାଲା ପଡ଼ିବାକୁ ନେଇ ଗୁରୁବାର ପାଟିତୁଣ୍ଡ ହୋଇଛି। ବ୍ଲକ ମିଶନଶକ୍ତି ବିଭାଗ ପକ୍ଷରୁ ଜୁନ୍ ୩ ତାରିଖରେ ଚୂଡ଼ାନ୍ତ ହୋଇଥିବା ୧୭୦ ଜଣ ଏମ୍‌ବିକେ, ସିଆର୍‌ପି ଓ ବ୍ୟାଙ୍କମିତ୍ର ପ୍ରାର୍ଥୀଙ୍କ ମଧ୍ୟରୁ ୧୫୨ ଜଣ ପ୍ରାର୍ଥୀଙ୍କ ନାମ ତାଲିକା ଘୋଷଣା କରାଯାଇଥିଲା। ସେଥିମଧ୍ୟରୁ ଆଇ-ସିଆର୍‌ପି ଓ ଅନ୍ୟ ପ୍ରମାଣପତ୍ରରେ ତ୍ରୁଟି ଦର୍ଶାଇ ୧୮ ଜଣ ପ୍ରାର୍ଥୀଙ୍କ ନାମ ତାଲିକା ଜିଲାପାଳଙ୍କ ବିଚାର ପାଇଁ ଜିଲା କାର୍ଯ୍ୟାଳୟକୁ ପଠା ଯାଇଥିଲା। ଏହି ୧୮ ଜଣଙ୍କ ପ୍ରାର୍ଥୀଙ୍କ ମଧ୍ୟରେ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କ ତାଲିକା ଜୁନ୍ ୬ ସୁଦ୍ଧା ଘୋଷଣା କରାଯିବା କଥା। ମାତ୍ର ଡେରାବିଶ ମିଶନଶକ୍ତି ବିଭାଗର ବିଏଲ୍‌ଏଫ୍ ପକ୍ଷରୁ ଦିଆଯାଇଥିବା ଏହି ତାଲିକାରେ କେବଳ ପ୍ରାର୍ଥୀମାନେ ଯୋଗ୍ୟତା ଭିତ୍ତିରେ ପାଇଥିବା ମାର୍କ ପଠାଇ ସେମାନଙ୍କ କାର୍ଯ୍ୟ ସାରି ଦେଇଥିଲେ। ତେବେ ପ୍ରାର୍ଥୀଙ୍କ ଆବେଦନ ଫର୍ମ ସହ ଅନ୍ୟ ଡକ୍ୟୁମେଣ୍ଟ ପଠା ଯାଇ ନ ଥିବାରୁ ଜୁନ୍ ୨୬ରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜୁନ୍ ୨୮ ସୁଦ୍ଧା ପଠାଯାଇଥିବା ପ୍ରାର୍ଥୀଙ୍କ ଆବେଦନ ପତ୍ର ଓ ସେମାନଙ୍କ ଡକ୍ୟୁମେଣ୍ଟ ପଠାଇବାକୁ ଡେରାବିଶ ବିଡିଓଙ୍କ ମାଧ୍ୟମରେ ବିଏଲ୍‌ଏଫ୍ ସଭାନେତ୍ରୀ ଓ ସମ୍ପାଦିକାଙ୍କୁ ଏକ ଚିଠି ପଠାଇ ଥିଲେ। ତେବେ ଇତିମଧ୍ୟରେ ୧୦ ଦିନ ବିତିଯାଇଥିଲେ ମଧ୍ୟ ପ୍ରାର୍ଥୀଙ୍କ ଡକ୍ୟୁମେଣ୍ଟ ଓ ଆବେଦନ ଫର୍ମ ଜିଲା କାର୍ଯ୍ୟାଳୟକୁ ପଠାଯାଇନାହିଁ। ଏ ନେଇ ବିଏଲ୍‌ଏଫ୍ କର୍ମକର୍ତ୍ତାଙ୍କ ମଧ୍ୟରେ ମଙ୍ଗଳବାରଠାରୁ ବିବାଦ ଆରମ୍ଭ ହୋଇଛି। କାରଣ ହେଲା ଜୁନ୍ ୩ ତାରିଖଠାରୁ ବ୍ଲକ ମିଶନଶକ୍ତି କାର୍ଯ୍ୟାଳୟରେ ଥିବା ବିଏଲ୍‌ଏଫ୍ ପ୍ରକୋଷ୍ଠକୁ ବେଆଇନ ଭାବେ ତାଲା ପକାଇ ବିଏଲ୍‌ଏଫ୍‌ର ଜଣେ ବରିଷ୍ଠ କର୍ମକର୍ତ୍ତା ଚାବି ନେଇଯାଇଛନ୍ତି। ଫଳରେ ଡକ୍ୟୁମେଣ୍ଟ ପଠାଇବା ସମ୍ଭବ ହେଉନାହିଁ। ଏ ସମ୍ପର୍କରେ ବିଏଲ୍‌ଏଫ୍‌ର କର୍ମକର୍ତ୍ତାଙ୍କ ସହ ୨୨ ଜଣ ସଦସ୍ୟା ଡେରାବିଶ ମିଶନଶକ୍ତିର ବିପିସି କୈଳାସ ବାରିକଙ୍କୁ ଘେରାଉ ମଧ୍ୟ କରିଥିଲେ। ବାରିକ ଗୁରୁବାର ପୂର୍ବାହ୍ଣ ଯାଏ ସମୟ ନେଇଥିଲେ।

ଗୁରୁବାର ବିପିସିଙ୍କ କାର୍ଯ୍ୟାଳୟରେ ପୂର୍ବାହ୍ଣ ୧୧ଟାରେ ଏ ନେଇ ବିଏଲ୍‌ଏଫ୍ ସଭାନେତ୍ରୀ ପ୍ରଣତି ଜେନାଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା। ଏଥିରେ ସମ୍ପାଦିକା ମନୋରମା ରାଉତ ଜିଲା କାର୍ଯ୍ୟାଳୟକୁ ପଠା ଯାଇଥିବା ୧୮ ପଦବୀ ନିମନ୍ତେ ଆବେଦନ କରିଥିବା ପ୍ରାର୍ଥୀମାନଙ୍କ ଡକ୍ୟୁମେଣ୍ଟ ପଠାଯିବାର ବିଳମ୍ବକୁ ନେଇ ଆଲୋଚନା ହୋଇଥିଲା। ଏଥିସହ ବୈଠକରେ ଉପସ୍ଥିତ ଅନ୍ୟ ସଦସ୍ୟମାନେ ବିଏଲ୍ ପ୍ରକୋଷ୍ଠକୁ ଚାବି ପକାଇ ମାସାଧିକ କାଳ ବନ୍ଦ ରଖିଥିବା ବିଏଲ୍‌ଏଫ୍ ସଭାନେତ୍ରୀ ପ୍ରଣତିଙ୍କୁ ଦାୟୀ କରିବା ସହ ପାଟିତୁଣ୍ଡ କରିଥିଲେ। ଏଥିସହ ତୁରନ୍ତ ସଭାନେତ୍ରୀ ପଦରୁ ସେ ଇସ୍ତଫା ଦେବାକୁ ପ୍ରସ୍ତାବ ରଖିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ବୈଠକରେ ସଭାପତିତ୍ୱ କରୁଥିବା ପ୍ରଣତି ପ୍ରକୋଷ୍ଠର ଚାବି ବିପିସିଙ୍କ ଟେବୁଲ୍ ଉପରକୁ ଫୋପାଡ଼ି ବୈଠକରୁ ଉଠି ପଳାଇ ଥିଲେ। ତେବେ ଏହାକୁ ନେଇ ଉପସ୍ଥିତ ସଦସ୍ୟମାନେ ବିପିସି ବାରିକଙ୍କ ଅପାରଗତାକୁ ଦାୟୀ କରି ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଜିଲା କାର୍ଯ୍ୟାଳୟକୁ ପଠାଯାଇଥିବା ପ୍ରାର୍ଥୀଙ୍କ ଡକ୍ୟୁମେଣ୍ଟ କେବେ ଓ କେଉଁଦିନ ପଠାଯିବ ସେ ବିଷୟରେ ବିପିସିଙ୍କୁ ସଦସ୍ୟମାନେ ପଚାରି ଥିଲେ। ତେବେ ବିଏଲ୍‌ଏଫ୍‌ର ସଭାନେତ୍ରୀ ପ୍ରଣତି ବିପିସିଙ୍କ ନିକଟରେ ଚାବିକୁ ଛାଡ଼ି ଯାଇଥିଲେ। ବିପିସି ବାରିକ ଚାବି ନେବାକୁ ସମ୍ପାଦିକା ରାଉତଙ୍କୁ କହିବାରୁ ସେ ଓ ଉପସ୍ଥିତ କର୍ମକର୍ତ୍ତାମାନେ ଚାବିକୁ ଗ୍ରହଣ କରି ନ ଥିଲେ। ଅପରପକ୍ଷରେ ସନ୍ଧ୍ୟାରେ ଏ ନେଇ ବିଏଲ୍‌ଏଫ୍ ସମ୍ପାଦିକା ରାଉତଙ୍କ ନେତୃତ୍ୱରେ ୨୨ ଜଣ କର୍ମକର୍ତ୍ତା ଓ ସଦସ୍ୟା ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପଣ୍ଡା ଓ ଜିଲା ମିଶନଶକ୍ତି ଅଧିକାରୀ କୈଳାସ ସେନାପତି ଏବଂ ବିଡିଓ ଦାସରଥି ଜେନାଙ୍କୁ ଭେଟି ଜଣେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମାସାଧିକ କାଳ ତାଲା ପଡ଼ି ବନ୍ଦ ହୋଇ ରହିଥିବା ବିଏଲ୍‌ଏଫ୍ ପ୍ରକୋଷ୍ଠରୁ ଚାବି ଖୋଲିବାକୁ ଦାବି ଜଣାଇ ଥିଲେ। ଏଥିସହ ବୈଠକରେ ହୋଇଥିବା ରିଜୋଲ୍ୟୁଶନ୍‌ର ଏକ କପି ମଧ୍ୟ ସେମାନଙ୍କୁ ପ୍ରଦାନ କରାଯାଇଛି। ତୁରନ୍ତ ବ୍ଲକ ମିଶନଶକ୍ତି ପକ୍ଷରୁ ଜିଲା କାର୍ଯ୍ୟାଳୟକୁ ଆସିଥିବା ୧୮ ଜଣ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରିବାକୁ ସମ୍ପାଦିକା ରାଉତ, ଅନ୍ୟମାନେ ଉନ୍ନୟନ ଅଧିକାରୀ ଓ ଜିଲା ଅଧିକାରୀଙ୍କ ନିକଟରେ ଦାବି ଜଣାଇଥିଲେ।

# ଚାରାରୋପଣରେ ମହିଳା ସାମିଲ



ମହିଳାମାନେ ପେଣ୍ଠ ବେଳାଭୂମିରେ ଚାରା ରୋପଣ କରୁଛନ୍ତି।

ରାଜନଗର,୬।୭ (ଭାସ୍କର ରାଉତରାୟ)

ବନ ମହୋତ୍ସବ ସପ୍ତାହ ଅବସରରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଚାଲିଛି। ଗୁରୁବାର ପେଣ୍ଠ ବେଳାଭୂମି ନିକଟ ଦୋବନ୍ଧିଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହିତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସାମିଲ ହୋଇ ନିଜ ବାଡ଼ି ବଗିଚାରେ ଥିବା ଗଛ ସହ ନୂଆ ଗଛ ଲଗାଇ ଯତ୍ନ ନେବାକୁ ଶପଥ ନେଇଛନ୍ତି। ପେଣ୍ଠ ବେଳାଭୂମି ନିକଟରେ ଥିବା ଭିତରକନିକା ଜାତୀୟ ଉଦ୍ୟାନର ଦୋବନ୍ଧିଠାରେ ୭୪ତମ ବନ ମହୋତ୍ସବ ଅବସରରେ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଗବେଷକ ପ୍ରସନ୍ନ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଛ ହେଉଛି ଆମ ଜୀବନ, ଗଛ ବଞ୍ଚିଲେ ଆମେ ବଞ୍ଚିବା। ପରିବେଶକୁ ରକ୍ଷା କରିବାକୁ ଗଛ ଲଗାଇବା ଓ ତାର ଯତ୍ନ ନେବା ଏକମାତ୍ର ବାଟ। ଏଥିସହ ବର୍ତ୍ତମାନ ବର୍ଷାଋତୁରେ କୁମ୍ଭୀରଙ୍କ ସ୍ୱଭାବରେ ଉଗ୍ରତା ପରିଲକ୍ଷିତ ହୋଇଥାଏ। ଏହି ସମୟରେ ନଦୀ, ନାଳ ପାଖକୁ ନ ଯିବା ଏବଂ ବାଥିଙ୍ଗ୍ ଘାଟ ଥିବା ସ୍ଥାନରେ ଗାଧୋଇବା ପାଇଁ ନିବେଦନ କରିଥିଲେ। ଯେଉଁଠି ବାଥିଙ୍ଗ ଘାଟ ନାହିଁ, ସେଠାରେ ଘାଟ କରାଯିବାକୁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଏସିଏଫ ପୁନମ ହୀରା ହାଁସଦା, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୂର୍ଯ୍ୟନାରାୟଣ ଲେଙ୍କା, ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେହୁରା, ସୁଚିସ୍ମିତା ଦାସ, ପରିବେଶବିତ୍ ତଥା ଗାଳ୍ପିକ ପ୍ରଦୀପ ନାୟକ, ଖବରଦାତା ଭାସ୍କର ରାଉତରାୟ, ଜଗନ୍ନାଥ ଦାସ ପ୍ରମୁଖ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଯୋଗୁ ଜୈବ ବିବିଧତା ଭୁଶୁଡିପଡ଼ିଛି। ମାଟି, ପାଣି, ପବନ ସବୁ ଏବେ ବିପଦରେ। ଉଜୁଡ଼ି ଯାଇଥିବା ଜୈବ ବିବିଧତାକୁ ସଜାଡ଼ିବାକୁ ହେଲେ ଆମକୁ ବ୍ୟାପକ ବୃକ୍ଷରୋପଣ କରିବା ସହ ତା'ର ଯତ୍ନ ନେଇ ବଡ଼ କରିବାକୁ ପଡ଼ିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଫରେଷ୍ଟର ବିଜୟ କୁମାର ପାତ୍ର, ପଦ୍ମନାଭ ରାଉତ, ବିଶ୍ୱ ରଞ୍ଜନ ତରାଇ, ସବିତା ବେହେରା, ଅଭୀଲିପ୍ସା କବି, ଦୋଳଗୋବିନ୍ଦ ନାୟକ, ଗୀତାଞ୍ଜଳି ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ



ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ।

ମହାକାଳପଡ଼ା,୬।୭(ପ୍ରତାପ ଚନ୍ଦ୍ର ସ୍ୱାଇଁ)

**ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ**
- ଯୋଗ ଦେଲେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ସ୍ଥାନୀୟ ବିଜେଡି କାର୍ଯ୍ୟାଳୟ ପରିସର ମଧ୍ୟରେ ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେଇ ପ୍ରଥମେ ବିଜୁ ପଟ୍ଟନାୟକଙ୍କ ତୈଳ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ କର୍ମଭୂମିର ମାଟି ମହାକାଳପଡ଼ା ଅଞ୍ଚଳ ଗର୍ବିତ। ବିକାଶର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ସହ ବିଶେଷ କରି ମହିଳାମାନେ ବିକାଶର ସାରଥି। ଏହି ଅବସରରେ ତୃଣ ମୂଳ ସ୍ତରରେ ଘରକୁ ଘର, ୱାର୍ଡକୁ ୱାର୍ଡ ବୁଲି ବୁଥ କମିଟି ଗଠନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ପରେ ବିଜେଡିର ଜନ କଲ୍ୟାଣ ଯୋଜନାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ସମବାୟ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାକାଳପଡ଼ାଠାରେ ସରକାରଙ୍କର ବୃହତ ଶିଳ୍ପ ପ୍ରତିଷ୍ଠା ହେବ। ଯାହାକି ରାଉରକେଲା ଷ୍ଟିଲ ପ୍ଲାଣ୍ଟଠାରୁ ମଧ୍ୟ ଅଧିକ ହେବ। ସ୍ଥାନୀୟ ଯୁବତୀଯୁବକମାନେ ନିଯୁକ୍ତି ପାଇବେ। ରାଜ୍ୟରେ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ବହୁ ଆଗରେ ରହିବ। ଉପସ୍ଥିତ ଥିବା ଦଳୀୟ କର୍ମକର୍ତ୍ତାମାନଙ୍କୁ ଆଗାମୀ ସାଧାରଣ ନିର୍ବାଚନରେ ଦଳ ମତ ନିର୍ବିଶେଷରେ ଏକାଠି ହୋଇ ଦଳୀୟ ସଙ୍ଗଠନକୁ ମଜବୁତ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଆସନ୍ତା ସାଧାରଣ ନିର୍ବାଚନର ଷଷ୍ଠ ପାଳିରେ ନବୀନ ପଟ୍ଟନାୟକଙ୍କ ପୁଣି ବିପୁଳ ସଂଖ୍ୟାରେ ବିଧନସଭା ସିଟ୍ ଦଖଲ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ଅବସରରେ ନିର୍ବାଚନମଣ୍ଡଳୀର ବହୁ ସଂଖ୍ୟାରେ ଭାଜପା ଓ କଂଗ୍ରେସ ଦଳ ପରିତ୍ୟାଗ କରିଥିଲେ। ମନ୍ତ୍ରୀ ମଲ୍ଲିକ ଓ ନାୟକ ଏହି ନୂଆ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏଥିରେ ବିଜେଡି ଜିଲା ସଭାପତି ଉତ୍କଳ କେଶରୀ ପରିଡ଼ା , ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ମାର୍ଶାଘାଇ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ନେତା ଶ୍ରୀଧର ସାମଲ, ଗଙ୍ଗାଧର ପରିଡା, ଆମ୍ବିବା ଅଧ୍ୟକ୍ଷ ବିଜୟ କୁମାର ଜେନା , ଅମରେନ୍ଦ୍ର ସାମଲ , ସଞ୍ଜୟ ଲେଙ୍କା, ମହିଳା ନେତ୍ରୀ ସୁରଭୀ ଜେନା, ଶର୍ମିଷ୍ଠା ନାୟକ, ସରୋଜିନୀ ସେଠୀ , ଦେବଦତ୍ତ ପରିଡ଼ା , ହେମନ୍ତ କୁମାର ସାହୁ , ସ୍ମୃତି ରଞ୍ଜନ ପ୍ରଧାନ, ବିମଳ କୁମାର ଦାସ, ଅଭିଳାଷ ଦାସଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ରାଜନଗର ତହସିଲ ଆଗରେ ଆମରଣ ଅନଶନ ଦ୍ୱିତୀୟ ଦିନରେ

ରାଜନଗର,୬।୭ (ଭାସ୍କର ରାଉତରାୟ)

ବଙ୍ଗୋପସାଗର ଆଁ ମୁହଁରେ ଥିବା ସାତଭାୟାବାସୀଙ୍କୁ ବଗପାଟିଆଠାରେ ଥଇଥାନ କରାଯାଇଛି। ପ୍ରଥମ ଦଫାରେ ୫୭୧ ପରିବାରକୁ ଥଇଥାନ କରାଯାଇଥିବା ବେଳେ ଦ୍ୱିତୀୟ ଦଫାରେ ୧୪୮ ପରିବାରକୁ ଥଇଥାନ କରାଯାଇଛି। ଥଇଥାନରୁ ବାଦ ପଡ଼ିଥିବା ଅବଶିଷ୍ଟ ୨୩୫ ପରିବାରକୁ ଥଇଥାନ କରିବା ପାଇଁ ଚଳିତମାସ ୧୧ ଓ ୧୨ ଦୁଇ ଦିନ ଧରି ସେମାନଙ୍କ ଆବେଦନକୁ ଯାଞ୍ଚ କରାଯିବା ପରେ ଥଇଥାନ କରିବା ପ୍ରକ୍ରିୟା ଜାରି ରହିଛି। ମାତ୍ର ବୁଧବାର ରାଜନଗର ତହସିଲ ସମ୍ମୁଖରେ ଗୋଟିଏ ପକ୍ଷ ଅନଶନରେ ବସିଥିବା ବେଳେ ଅନ୍ୟ ଗୋଟେ ଗୋଷ୍ଠୀ ଆମରଣ ଅନଶନରେ ବସିଥିଲେ। ୧୧ ଓ ୧୨ ଦୁଇଦିନ ଧରି ଥଇଥାନ ପାଇଁ ଆବେଦନ ପତ୍ର ଆସିଥିବା ୨୩୫ଟି ଆବେଦନର ଯୁଗ୍ମ ତଦନ୍ତ କରାଯିବ। ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ଦିଆଯିବ। ଜିଲାପାଳଙ୍କ ସୁପାରିସ ପରେ ଏକାକାଳୀନ ଥଇଥାନ କରାଯିବ ବୋଲି ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ଗୋଟିଏ ପକ୍ଷ ଅନଶନରୁ ଉଠି ଯାଇଛନ୍ତି। ମାତ୍ର ଡ. ଧରଣୀଧର ରାଉତ ଓ ସାତଭାୟା ପଞ୍ଚାୟତର ଦଳିତ ସଂରକ୍ଷିତ ବର୍ଗ ସମାଜର ସଭାନେତ୍ରୀ ସସ୍ମିତା ମଲ୍ଲିକଙ୍କ ନେତୃତ୍ୱରେ ୪୦ ଦଳିତ ପରିବାର ତହସିଲ ସମ୍ମୁଖରେ ୨ଦିନ ହେଲା ଆମରଣ ଅନଶନରେ ବସି ରହିଛନ୍ତି। ସେମାନଙ୍କ ଦାବି ହେଲା ଆମକୁ ଥଇଥାନ କରିବା ପୂର୍ବରୁ ପ୍ଲଟ ଆଲଟ୍‌ମେଣ୍ଟ କରାଯାଇଛି, ଆମକୁ ପ୍ଲଟ ଆଲଟ୍‌ମେଣ୍ଟ ସ୍ଲିପ ପ୍ରଦାନ କରାଯାଉ। ଆମକୁ ଆଲଟ୍‌ମେଣ୍ଟ ସ୍ଲିପ ନ ମିଳିବାଯାଏ ଆମରଣ ଅନଶନରେ ବସିବୁ ବୋଲି ସେମାନେ କହିଛନ୍ତି।

# ଲୁଣା ହେନ୍ତାଳ ଜଙ୍ଗଲ ମାନବ ସମାଜର ବନ୍ଧୁ

ମହାକାଳପଡ଼ା, ୬।୭(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବଟିଘର ପଞ୍ଚାୟତ ଲାଇଟ୍ ହାଉସ ସଂଲଗ୍ନ ବାତ୍ୟା ଆଶ୍ରୟସ୍ଥଳଠାରେ ମହାକାଳପଡ଼ା ରେଞ୍ଜ ସ୍ତରୀୟ ୭୪ତମ ବନ ମହୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଲୁଣା ହେନ୍ତାଳ ଜଙ୍ଗଲ ମାନବ ସମାଜର ବନ୍ଧୁ ବୋଲି କୁହାଯାଇଥିଲା। କାରଣ ବତ୍ୟା ସମୟରେ ଲୁଣା ଜଙ୍ଗଲ ସ୍ଥଳଭାଗକୁ ସୁରକ୍ଷା ଦେଉଛି। ସ୍ଥାନୀୟ ଛାତ୍ରୀଛାତ୍ରମାନେ ଯୋଗଦେଇ ବକ୍ତୃତା ମାଧ୍ୟମରେ ଜଙ୍ଗଲର ସୁରକ୍ଷା ଓ ସଂରକ୍ଷଣ ବୃଦ୍ଧି ଉପରେ ଆଲୋକପାତ କରିଥିଲେ। ଜଙ୍ଗଲ ସୃଷ୍ଟି ହେବା ଦ୍ୱାରା ମାନବ ସମାଜ ବଞ୍ଚିବା ସମ୍ଭବ ହୋଇଥାଏ। ନିଜ ନିଜ ବାଡ଼ି ବଗିଚା, ରାସ୍ତାପାର୍ଶ୍ୱ, ବିଦ୍ୟାଳୟ ପରିସର, ସରକାରୀ ଚାରଣ ଭୂମିରେ ବହୁସଂଖ୍ୟାରେ ବୃକ୍ଷ ରୋପଣ କରାଯିବ ବୋଲି ଶପଥ ଗ୍ରହଣ କରିଥିଲେ। ଫଳ ଜାତୀୟ ଗଛ ସହ ନିମ୍ବ, ବେଲ, କରଞ୍ଜ, ଆକାସି, ବଉଳ, ଜାମୁ, ନଡ଼ିଆ, ତାଳ ଗଛ ସମେତ ଲୁଣା ଜଙ୍ଗଲ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବଟିଘର ଅଞ୍ଚଳରେ ସରକାରୀ ଜମି ଜବରଦଖଲ ଉଚ୍ଛେଦ ପରେ ଲୁଣା ଜଙ୍ଗଲ ସୃଷ୍ଟି କରାଯାଇଛି ବୋଲି ଉପସ୍ଥିତ ଅଧିକାରୀ ମତବ୍ୟକ୍ତ କରିଥିଲେ। ଏଥିରେ ରେଞ୍ଜ ଅଧିକାରୀ କାର୍ତ୍ତିକେଶ୍ୱର ଖଣ୍ଡାଇ, ବଟିଘର ଫରେଷ୍ଟର ରଞ୍ଜନ କୁମାର ପାଣି, ସତ୍ୟଜିତ ପାଣି, ସ୍ଥାନୀୟ ସରପଞ୍ଚ ଶିବାନୀ ବିଜୁଳି, ବଟିଘର ଫଲ୍ସ ପଏଣ୍ଟ ଇନ୍‌ଚାର୍ଜ ଜୟନ୍ତ କୁମାର ଚାଟାର୍ଜୀ, ସ୍ଥାନୀୟ ଶିକ୍ଷକଙ୍କ ସମେତ ବନ କର୍ମଚାରୀ ଯୋଗଦେଇ ବନ ମହୋତ୍ସବ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ।



ବନ ମହୋତ୍ସବରେ ଅତିଥିଙ୍କ ଗହଣରେ ପିଲାମାନେ ବୃକ୍ଷରୋପଣ କରୁଛନ୍ତି

# ପଟ୍ଟାମୁଣ୍ଡାଇ କଲେଜ ୫୩ତମ ପ୍ରତିଷ୍ଠା ଦିବସ

କେନ୍ଦ୍ରାପଡ଼ା, ୬।୭(ଜଗନ୍ନାଥ ଧଳ)



ବାର୍ଷିକ ଉତ୍ସବରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟ ଅତିଥିମାନେ।

ପଟ୍ଟାମୁଣ୍ଡାଇ କଲେଜର ୫୩ତମ ପ୍ରତିଷ୍ଠା ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ କୁମାର ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିମାନେ ଯୋଗଦେଇ ବିଧାୟକ ଧ୍ରୁବ ସାହୁ କହିଲେ, କେନ୍ଦ୍ରାପଡ଼ା ଜିଲାର ଦ୍ୱିତୀୟ ବୃହତମ କଲେଜ ପଟ୍ଟାମୁଣ୍ଡାଇ କଲେଜ ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ସାମନା କରି ନାକ ମାନ୍ୟତା ପାଇବାରେ ସଫଳ ହୋଇଛି। ସାମ୍ପ୍ରତିକ ପ୍ରତିଯୋଗିତାମୂଳକ ଦୁନିଆରେ ଛାତ୍ରୀଛାତ୍ର ନିଜର ଦୁର୍ବଳତାକୁ ଶକ୍ତିରେ ପରିଣତ କରିପାରିଲେ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ। ଜଜାଙ୍ଗ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ପ୍ରଭଞ୍ଜନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ର ଉତ୍ତମ ଶିକ୍ଷା ସହ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ନିଯୁକ୍ତି ଓ ଆତ୍ମନିଯୁକ୍ତି ସୁଯୋଗ ହାସଲ ସହ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ପୌରପରିଷଦ ଅଧ୍ୟକ୍ଷ ହେମନ୍ତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପ୍ରଭାକର ରାଉତ, ପ୍ରଫେସର ପ୍ରମୋଦ ସାମଲ, ପୂର୍ବତନ ପ୍ରାଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁକ୍ତ ୩ ବିଜ୍ଞାନ, କଳା, ବାଣିଜ୍ୟ ପରୀକ୍ଷା ସର୍ବୋଚ୍ଚ ନମ୍ବର ରଖିଥିବା ଲିପ୍ସାରାଣୀ ଦାଶ, ସୁମିତ୍ରା ଓଝା, ଦେବସୁନ୍ଦର ପାଢ଼ୀ ଓ ଯୁକ୍ତ ୨ ବିଜ୍ଞାନ, କଳା ଓ ବାଣିଜ୍ୟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ତନ୍ମୟ ସାହୁ, ଅନିତା ପରିଡା ଓ ମନୋଜ ମଲିକଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ଫକୀର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ କଲେଜ ଅଧ୍ୟକ୍ଷ ଭୂୟାଁ ସ୍ୱାଗତଭାଷଣ ଦେଇ କଲେଜର ବିଭିନ୍ନ କାର୍ଯ୍ୟକ୍ରମ ଓ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପକ ଡ. ସୁନୀଲ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପ୍ରାଧ୍ୟାପକ ସୁନୀଲ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ପୂଜାପାଠ କରୁଥିବା ବ୍ରାହ୍ମଣ ପୁଅଙ୍କୁ କନ୍ୟା ମିଳୁନାହାନ୍ତି

କେନ୍ଦ୍ରପଡ଼ା,୬।୭(ଜଗନ୍ନାଥ ଧଳ)

- ଚାକିରି କରିବାକୁ ବାହାରିଲେଣି ଯଜମାନୀ ବ୍ରାହ୍ମଣ
- ପୂଜାପାଠ କରିବାକୁ ମିଳିବେ ନାହିଁ ବ୍ରାହ୍ମଣ
- ବ୍ରାହ୍ମଣ କର୍ମ କରୁଥିବା ପୁଅଙ୍କ ପାଇଁ ସରକାର ସ୍ୱତନ୍ତ୍ର ଭତ୍ତା ବ୍ୟବସ୍ଥା କରନ୍ତୁ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପୂଜାପାଠ କରୁଥିବା ବ୍ରାହ୍ମଣ ବରକୁ କନ୍ୟା ମିଳୁନାହାନ୍ତି। ଏଥିଯୋଗୁ ବ୍ରାହ୍ମଣ ପୁଅ ଏବେ ଯଜମାନୀ ଛାଡ଼ି ବିଦେଶରେ ଚାକିରି କରିବାକୁ ବାହାରିଲେଣି। ବ୍ରାହ୍ମଣ ଜାତିର ଝିଅ ମିଳୁ ନ ଥିବାରୁ ଏବେ ସେମାନେ ଚିନ୍ତାରେ ପଡ଼ିଛନ୍ତି। ଯଦି ଯଜମାନୀ କାମ ପାଇଁ ବ୍ରାହ୍ମଣ ନ ମିଳନ୍ତି, ତାହାଲେ ସଭ୍ୟତା ଧୀରେ ଧୀରେ ଲୋପ ପାଇଯିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍ ପ୍ରଫୁଲ୍ଲ ଦାଶ କୁହନ୍ତି, ବ୍ରାହ୍ମଣ ଜାତିର ଉତ୍ପତ୍ତି ବୈଦିକ ଯୁଗରୁ ହୋଇଛି। ବେଦରୁ ପ୍ରମାଣମିଳେ ଯେ, ଗୁଣ, କର୍ମ ଓ ବିଭାଗ ଅନୁସାରେ ବ୍ରାହ୍ମଣାଦି ଜାତିର ଉତ୍ପତ୍ତି ହୋଇଥିଲା। କାଳକ୍ରମେ ସେହି ଜାତି ବିଭାଗ ବଂଶାନୁକ୍ରମରେ ଚାଲିଲା। ପରେ ବ୍ରାହ୍ମଣଙ୍କ ପୁତ୍ର ହିଁ ବ୍ରାହ୍ମଣ ବୋଲି ପରିଚିତ ହେଲେ। ପ୍ରତ୍ୟେକ ବ୍ରାହ୍ମଣ ପରିବାର କୌଣସି ଗୋଟିଏ ବୈଦିକ ଶାଖାର କଳ୍ପସୂତ୍ରକୁ ଅବଲମ୍ବନ କରି ନିଜର ଷୋଡ଼ଶ ସଂସ୍କାର, ପୂଜାପର୍ବ, ଗାୟତ୍ରୀ ଉପାସନା, ପଇତା, ଶ୍ରାଦ୍ଧ ଆଦି କରିଥା'ନ୍ତି। ଯଦି ଯଜମାନୀ କରିବାକୁ ବ୍ରାହ୍ମଣ ନ ମିଳନ୍ତି, ତାହା ହେଲେ ଆମ ସଂସ୍କୃତି, ସଭ୍ୟତା ଲୋପ ପାଇଯିବା ସଙ୍ଗେ ସଙ୍ଗେ ହିନ୍ଦୁଧର୍ମ ପ୍ରତି ମଧ୍ୟ ବିପଦ ମାଡ଼ିଆସିବ। ପ୍ରଶାନ୍ତ ପଣ୍ଡା କହିଛନ୍ତି, ଗାଁରେ ଥିବା ମନ୍ଦିରଗୁଡ଼ିକୁ କେନ୍ଦ୍ର କରି ପାର୍ଶ୍ୱବର୍ତ୍ତୀ ବ୍ରାହ୍ମଣ ଯୁବକମାନଙ୍କୁ ଅଭିଜ୍ଞ ବ୍ରାହ୍ମଣମାନଙ୍କ ଦ୍ୱାରା ବେଦ, ଗୀତା ଓ ଯଜମାନ କର୍ମ ଇତ୍ୟାଦି ଶିକ୍ଷା ଦିଆଯିବା ଦରକାର। ଏଥିସହ ସଂସ୍କୃତ ବିଦ୍ୟାଳୟକୁ ପୁନଃ କାର୍ଯ୍ୟକ୍ଷମ କରାଯାଉ। ଏହାସହ ସରକାର ବ୍ରାହ୍ମଣ ଯୁବକମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଭତ୍ତା ପାଇଁ ଯୋଜନା ପ୍ରସ୍ତୁତ କରନ୍ତୁ। ତେବେ ବ୍ରାହ୍ମଣ ଯୁବକମାନେ ନିଜର କୌଳିକ ବୃତ୍ତିରେ ଲିପ୍ତ ରହିବା ସହ ରୋଜଗାରକ୍ଷମ ହେବେ ଏବଂ ସେମାନଙ୍କୁ ବିବାହ କରିବାକୁ ଝିଅ ମିଳିବେ। ଦିଲୀପ ଦାଶ କହିଛନ୍ତି, ସମାଜରେ ସମସ୍ତ ମାତାପିତା ଚାହାନ୍ତି ନିଜର ପିଲାଙ୍କୁ ଭଲରେ ରଖିବାକୁ। ସେଥିପାଇଁ ବ୍ୟୟବହୁଳ ଦୁନିଆରେ ନିଜର ଆର୍ଥିକ ସୁରକ୍ଷା ପ୍ରତି ଦୃଷ୍ଟି ଦେଇଥା'ନ୍ତି। ଏହାକୁ ନେଇ ଝିଅଙ୍କ ପିତା ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ଥିବା ଅର୍ଥାତ୍ ଚାକିରି କରିଥିବା ଜ୍ୱାଇଁ ଖୋଜି ବିବାହ କରିବାକୁ ନିଷ୍ପତ୍ତି ନେଉଛନ୍ତି। ମାତ୍ର କୌଳିକ ବୃତ୍ତି କରୁଥିବା ବ୍ରାହ୍ମଣ ପୁଅ ପ୍ରତି ଅମଙ୍ଗ ନୀତି ଆପଣାଉଛନ୍ତି। ଏହାକୁ ନଜରକୁ ରଖି ବ୍ରାହ୍ମଣ ଯୁବକମାନେ ନିଜର କୌଳିକ ବୃତ୍ତି ଛାଡ଼ି ବିଦେଶ ଯିବାକୁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅଣ୍ଟା ଭିଡ଼ିଛନ୍ତି। ଏ ନେଇ ଅନନ୍ତ କୁମାର ଦାଶ, ପ୍ରତାପ କୁମାର ପାଢୀ, ସଞ୍ଜୟ ପଣ୍ଡା, ପ୍ରେମାନନ୍ଦ ଦାଶ, ବ୍ରହ୍ମାନନ୍ଦ ଦାଶ, ଭବନୀ ଶଙ୍କର ପଣ୍ଡା ପ୍ରମୁଖ କହିଛନ୍ତି, ଯଦି ସରକାର ବ୍ରାହ୍ମଣ ବୃତ୍ତି ଆପଣାଇଥିବା ଯୁବକମାନଙ୍କ ପାଇଁ ଭତ୍ତା ଯୋଜନା କରି ସେମାନଙ୍କୁ ସାମିଲ କରି ଆର୍ଥିକ ସ୍ୱାବଲମ୍ବୀ କରନ୍ତେ, ତେବେ ଆମ ସଂସ୍କୃତି, ସଭ୍ୟତା ପ୍ରତି ଆସୁଥିବା ବିପଦକୁ ଏଡ଼ାଇ ଦିଆଯାଇପାରନ୍ତା। ଅନ୍ୟପକ୍ଷେ ବ୍ରାହ୍ମଣ କନ୍ୟାପିତାମାନେ ସେମାନଙ୍କ ଝିଅକୁ ବ୍ରାହ୍ମଣ ବୃତ୍ତି କରୁଥିବା ପୁଅ ସହ ବିବାହ ଦେବାକୁ ଆଉ କୁଣ୍ଠାବୋଧ କରିବେ ନାହିଁ।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ବୁଗୁଡ଼ା,୬।୭(କାଳି ଚରଣ ଦାଶ): ବୁଗୁଡ଼ା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ସହ ଫଟୋ ଓ ଭିଡିଓ ଭାଇରାଲ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ କାଲୁ ମୂଳି କାଲୁ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ଗତ ମାର୍ଚ୍ଚ ମାସରେ ଘରକୁ ଡାକି ବଳାତ୍କାର କରିବା ସହ ଅଶ୍ଳୀଳ ଫଟୋ ଉଠାଇଥିଲେ। ପରେ ଦୁଇ ଥର ବଳାତ୍କାର କରିବା ସହ ଭିଡିଓ ଉତ୍ତୋଳନ କରି ବ୍ଲାକ ମେଲିଂ କରିବା ଆରମ୍ଭ କରିଦେଇଥିଲେ। ଏ ବିଷୟରେ କାହାକୁ କହିଲେ ତାଙ୍କ ବାପା ମା'ଙ୍କୁ ହତ୍ୟା କରିଦେବେ ଏବଂ ଯେତେବେଳେ ଡାକିଲେ ଆସିବୁ ନ ହେଲେ ଫଟୋ ଭିଡିଓ ଭାଇରଲ କରିଦେବେ ବୋଲି ମଧ ଧମକ ଦେଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ତେବେ ନାବାଳିକା ଜଣଙ୍କ କଥା ନ ଶୁଣିବାରୁ କାଲୁ ଉକ୍ତ ଭିଡିଓ ଭାଇରାଲ କରି ଦେଇଥିଲେ। ଏ ବିଷୟରେ ପୀଡିତାଙ୍କ ଭାଇ ଜାଣିବା ପରେ ଯୁବତୀଙ୍କୁ ପଚାରିବାରୁ ସେ ସବୁ ବିଷୟ କହିଥିଲେ। ଏହା ପରେ ନାବାଳିକାଙ୍କ ପରିବାର ପକ୍ଷରୁ ଗତ ୪ ତାରିଖରେ ଥାନାରେ ଏତଲା ଦେଇଥିଲେ। ବୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉଭୟଙ୍କୁ ଡାକ୍ତରୀ ମାଇନା ହେବା ପରେ ଥାନା ଅତିରିକ୍ତ ଆଇଆଇସି ଶର୍ମିଷ୍ଠା ପ୍ରଧାନ ଏ ନେଇ ୪୭୬/୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ କାଲୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଆହତ ଯୁବକଙ୍କ ମୃତ୍ୟୁ

ଶେରଗଡ, ୬।୭(ସୂର୍ଯ୍ୟନାରାୟଣ ଦାଶ): ଶେରଗଡ଼ ବ୍ଲକ ହରିକୃଷ୍ଣପୁର ଗ୍ରାମର ରାମକୃଷ୍ଣ ତ୍ରିପାଠୀ ଓ ସୁମିତ କୁମାର ଦାଶ ଏକ ବାଇକ ଯୋଗେ ବନ୍ଧାଗୁଡା ଯାଉଥିବା ବେଳେ ଟିପ୍ପର ଧକ୍କାରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ଶେରଗଡ ପରେ ବ୍ରହ୍ମପୁର ଡାକ୍ତରଖାନା ପଠାଯାଇଥିଲା। ରାମକୃଷ୍ଣଙ୍କୁ ଗୁରୁତର ଅବସ୍ଥାରେ ବିଶାଖାପାଟଣା ପଠାଯାଇଥିଲା ବେଳେ ସୁମିତଙ୍କୁ କଟକ ପଠାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରାମକୃଷ୍ଣଙ୍କ ମୃତ୍ୟୁ ଘଟିଛି। ରାମକୃଷ୍ଣଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

### ଚାରା ରୋପଣ କାର୍ଯ୍ୟକ୍ରମ

ଗୋଶାଣୀ, ୬।୭ (ପ୍ରଶାନ୍ତ କୁମାର ରାଉତ): ଗଜପତି ଜିଲା ଗୋଶାଣୀ ବ୍ଲକ ସ୍ଥାନୀୟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଯାଜପୁର ଠାରେ ୭୪ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ପାରଳାଖେମୁଣ୍ଡି ବନାଞ୍ଚଳଠାରୁ ପାଇଥିବା ବେଲ, ଲେମ୍ବୁ, ଅଳା ଚାରା ଭଳି ବହୁ ମୂଲ୍ୟବାନ ଚାରାଗୁଡିକୁ ବିଦ୍ୟାଳୟ ପରିସରରେ ଗଜପତି ଜିଲା ଶିକ୍ଷା ଅଧିକାରୀ ପ୍ରଦୋଶ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଭାରପ୍ରାପ୍ତ ଆଇପି ସୁରେନ୍ଦ୍ର ପାତ୍ର ଓ ଭାରତ ସ୍କାଉଟ୍ସ ଓ ଗାଇଡ଼ସ ଖେଳ ଶିକ୍ଷକମାନଙ୍କ ସହାୟତାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାତ୍ୱିକ କୁମାର ପଟନାୟକ ଚାରା ରୋପଣ କରିଥିଲେ। ଖେଳ ଶିକ୍ଷକ ଧୀରେନ୍ଦ୍ର ସାମଲ, ସହକାରୀ ଶିକ୍ଷକ ମୋହନ ବାରିକ, ଶିକ୍ଷୟିତ୍ରୀ ନର୍ମଦା ଦେଇ, ଚପଳା ପାଢ଼ୀ, ଏମ. ପ୍ରିୟଙ୍କା, ଇନ୍ଦିରା ପଣ୍ଡା, ବବିତା ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ।

# ଦୁର୍ନୀତି ଅଭିଯୋଗରେ ବ୍ଲକ ଅଫିସ ଘେରାଉ

କାଶୀନଗର,୬।୭ (ଟି.କ୍ରିଷ୍ଣା ରାଓ):

କାଶୀନଗର ବ୍ଲକରେ ଦୁର୍ନୀତି ହେଉଥିବା ଅଭିଯୋଗ କରି ଭାଜପା କର୍ମକର୍ତ୍ତାଙ୍କ ସହିତ କେତେକ ଗ୍ରାମବାସୀ ବ୍ଲକ ଅଫିସ ଘେରାଉ କରିଛନ୍ତି। ସମିତି ବୈଠକ ଆରମ୍ଭ ପୂର୍ବରୁ କେତେକ ବୁଧବାର ଗ୍ରାମବାସୀ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଫାଟକରେ ତାଲା ପକାଇ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅମୃତ ସରୋବର ଯୋଜନାରେ ଦୁର୍ନୀତି ହେଉଥିବା ଅଭିଯୋଗ କରିଥିଲେ। କେ. ସୀତାପୁର ସରପଞ୍ଚ, ସମିତି ସଭ୍ୟ ତଥା ଭାଜପା ନେତା ଡି. ରାଜେଶ କୁମାର, ବିଧାୟକ ପ୍ରତିନିଧି ଏନ. କୋଟେଶ୍ୱର ରାଓ କହିଥିଲେ ଯେ ଯୋଗ୍ୟ ହିତାଧିକାରୀମାନେ ଆବାସ ପାଉନଥିବା ବେଳେ ଅଯୋଗ୍ୟ ହିତାଧିକାରୀମାନେ ଉକ୍ତ ଯୋଜନାରୁ ଲାଭ ଉଠାଉଛନ୍ତି ବୋଲି ଅଭିଯୋଗ କରିଥିଲେ। ସରୋବର ଖନନ କାର୍ଯ୍ୟ ଶ୍ରମିକ ବଦଳରେ ମେସିନ ଦ୍ୱାରା କରାଯାଉଥିବାରୁ ବେରୋଜଗାରୀ ଓ ଦାଦନ ସମସ୍ୟା ବଢୁଛି। ସମିତି ଅଧ୍ୟକ୍ଷାଙ୍କ ଚାପରେ ଏସବୁ ଚାଲିଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଯଦି ଦୁର୍ନୀତି ଦୂର ନହୁଏ ତେବେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ବିକ୍ଷୋଭକାରୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ସମିତି ଅଧ୍ୟକ୍ଷା ବି. ସାୟାମ୍ମା, ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ ସମସ୍ତ ଅଭିଯୋଗ ଭିତ୍ତିହୀନ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଥିଲେ। ପୋଲିସର ହସ୍ତକ୍ଷେପ ପରେ ଅଫିସର ତାଲା ଖୋଲିଥିଲା। ଯାହା ଅଭିଯୋଗ ଅଛି ଲିଖିତ ଭାବେ କର୍ତ୍ତୃପକ୍ଷଙ୍କୁ ଜଣାଇବା ପାଇଁ ଆଇଆଇସି ସୁଶାନ୍ତ ସାହୁ ବିକ୍ଷୋଭକାରୀଙ୍କୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ସ୍ଥାନୀୟ ବ୍ଲକ ଅଫିସ ସମ୍ମିଳନୀ କକ୍ଷରେ ବୁଧବାର ଷଷ୍ଠ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ସମିତି ଅଧ୍ୟକ୍ଷା ବି. ସାୟାମ୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଡିଓ କପିଳେଶ୍ୱର ତାଣ୍ଡି, ସମିତି ଉପାଧ୍ୟକ୍ଷା ଏସ. କଲ୍ୟାଣୀ, ଜିଲ୍ଲା ପରିଷଦ ଜୋନ-୧ ସଦସ୍ୟା ଆର. ରାଜଲକ୍ଷ୍ମୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥି ଭାବେ ଯୋଗ ଦେଇଥିଲେ ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ। ଜିପିଇଓ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଗ୍ରାମାଞ୍ଚଳରେ ଲୋକଙ୍କୁ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ମିଳୁନାହିଁ ବୋଲି ଏକାଧିକ ଲୋକ ପ୍ରତିନିଧି ଅଭିଯୋଗ କରିଥିଲେ। ସାମ୍ବାଦିକମାନେ ଦୁର୍ଘଟଣାଜନିତ ଠିକ ଖବର ପରିବେଷଣ କରିନାହାନ୍ତି ବୋଲି ବୈଠକରେ ଉପସ୍ଥିତ ଡାକ୍ତର ଉତ୍ତର ଦେବା ପରେ ସ୍ଥାନୀୟ ପ୍ରେସ କ୍ଲବ ସମ୍ପାଦକ ରାଜେଶ ମିସାଲ ପ୍ରତିବାଦ କରିଥିଲେ।

# ଡୁବୁରୀ ପାହାଡ଼ କାଟି ଲୁଟି ନେଇଥିଲେ ୫୦୦ ଟ୍ରିପ ପଥର



ନୟାଗଡ଼,୬।୭(ଲୋକନାଥ ମିଶ୍ର)/ ଓଡ଼ଗାଁ(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପଣ୍ଡେରୀପଡ଼ା ପଞ୍ଚାୟତ ପାଣ୍ଡେରୀପଡ଼ା ବଡ ପୋଖରୀ ଖୋଳାରେ ଅନିୟମିତତା ହୋଇଥିଲା । ପୋଖରୀ ଭିତରେ ଡୁବୁରୀ ପାହାଡ଼କୁ କାଟି ୫୦୦ ଟ୍ରିପ କଳା ମୁଗୁନି ପଥର ଲୁଟିବା ଆରମ୍ଭ ହୋଇଥିଲା। ଏନେଇ ସ୍ଥାନୀୟ ଲୋକେ ତହସିଲରେ ଅଭିଯୋଗ କରିବା ପରେ ମଧ ଚଢ଼ାଉ କି ଧରପଗଡ ହୋଇ

### ରାଜସ୍ୱ ପାଇଲେ ସରକାର

ନ ଥିଲା । ବରଂ ପଥରଖନନକାରୀଙ୍କୁ ଅନୁକମ୍ପା ଦେଖା ଯାଉଛି ବୋଲି ଅଭିଯୋଗ ହୋଇଥିଲା । ଏନେଇ ଜୁନ୍ ୧୬ରେ ଧରିତ୍ରୀରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ପ୍ରଶାସନିକସ୍ତରରେ ଆଲୋଡନ ସୃଷ୍ଟି ହୋଇଥିଲା । ଓଡ଼ଗାଁ ତହସିଲ ପକ୍ଷରୁ ଏହାର ନିଲାମ କରାଯାଇ ୭୧ ହଜାର ୫୭୦ ଟଙ୍କା ସରକାରୀ ରାଜକୋଷକୁ ଯାଇଛି ।

# ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦର ବିକ୍ଷୋଭ

ଫୁଲବାଣୀ,୬।୭(ରାକେଶ କୁମାର ରାଉତ)



ଆଦିବାସୀମାନେ ବିକ୍ଷୋଭ କରୁଛନ୍ତି

କନ୍ଧମାଳ ଜିଲାରେ ୟୁନିଫର୍ମ ସିଭିଲ କୋଡ(ୟୁସିସି) ସମେତ ଅନ୍ୟ ଆଦିବାସୀ ବିରୋଧି କାର୍ଯ୍ୟକୁ ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ବିରୋଧ କରାଯାଇଛି । ବହୁ ସଂଖ୍ୟାରେ ଆଦିବାସୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

କେନ୍ଦ୍ର ସରକାର ସମାନ ନାଗରିକ ସଂହିତା ଆଇନ ପ୍ରଣୟନ କରି ଆଦିବାସୀଙ୍କୁ ମିଳିଥିବା ପୃଥକ ପରିଚୟକୁ ସମାପ୍ତ କରିବାକୁ ଚାହୁଁଛନ୍ତି । ଆଦିବାସୀଙ୍କୁ ହିନ୍ଦୁ କରିବା ପାଇଁ ଏହା ଏକ ଷଡଯନ୍ତ୍ର । ଯାହା ଦ୍ୱାରା ଆଦିବାସୀଙ୍କୁ ମିଳିଥିବା ସାମ୍ବିଧାନିକ ପରିଚୟ ନଷ୍ଟ ହେବ। ବିକାଶ, ପରିବେଶ ଏବଂ ବନ୍ୟଜନ୍ତୁ ସୁରକ୍ଷା ନାମରେ ଆଦିବାସୀଙ୍କୁ ଜଳ, ଜଙ୍ଗଲ ଏବଂ ଜମିରୁ ବିସ୍ଥାପନ କରି ସେମାନଙ୍କ ଜୀବିକା ଛଡାଇ ନେବାର ଷଡଯନ୍ତ୍ରକୁ ଆଦୌ ବରଦାସ୍ତ କରାଯିବ ନାହିଁ । ଆଦିବାସୀଙ୍କ ବିରୋଧରେ ସଂସଦରେ ପାରିତ ହୋଇଥିବା ଆଇନ ଏବଂ ୨୦୨୩ରେ ନୂତନ ଜଙ୍ଗଲ ଆଇନ ପ୍ରଣୟନ ଯୋଗୁ ଆଦିବାସୀଙ୍କ ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି ହେଲାଣି । ମଣିପୁରରେ ଆଦିବାସୀଙ୍କ ବସ୍ତିରେ ନିଆଁ ଲଗାଇ ଦିଆଯାଉଛି । ଯାହା ଫଳରେ ଆଦିବାସୀମାନେ ସେମାନଙ୍କ ଭିଟା ମାଟି ଛାଡି ପଳାୟନ କରିବାକୁ ବାଧ ହେଲେଣି। ଏହିପରି ଆଦିବାସୀଙ୍କ ଉପରେ ବହୁ ପ୍ରକାର ଅତ୍ୟାଚାର କରାଯାଉଛି । ଏହାକୁ ବିରୋଧ କରି ଧାରଣା ଦିଆଯାଇଛି। ଆଗାମୀ ଦିନରେ ଭାରତ ବନ୍ଦ ହେବ ବୋଲି ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ସଭାପତି ଦୟାନିଧି ମଲ୍ଲିକ, ସମ୍ପାଦକ ଗୋପାଳ ଚନ୍ଦ୍ର କହଁର ପ୍ରକାଶ କରିଛନ୍ତି। ଶେଷରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା।

## ଭାଜପାର ବୁଥସ୍ତରୀୟ ସଂକଳ୍ପ ସମାବେଶ

ପୋଲସରା,୬।୭(ସୁବ୍ରତ ବେହେରା)

ପୋଲସରା ବ୍ଲକ ମା ସିଂହାସନୀ ପୀଠରେ ଥିବା କଲ୍ୟାଣ ମଣ୍ଡପଠାରେ ପୋଲସରା ବ୍ଲକର ସମସ୍ତ ଭାଜପା ବୁଥ ସ୍ତରୀୟ କାର୍ଯ୍ୟକର୍ତ୍ତା ଓ ବରିଷ୍ଠ ନେତୃବୃନ୍ଦଙ୍କୁ ନେଇ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ଭାଜପା ଘୁମୁସର ଜିଲା ସଭାପତି ଗୋକୁଳା ନନ୍ଦ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ର ସରକାରଙ୍କ ସଫଳ ଯୋଜନାକୁ ଗାଁକୁ ଗାଁ ଏବଂ ବୁଥ ସ୍ତରରେ ବୁଲି ପ୍ରଚାର କରିବା ସହ ଭାଜପା ସଙ୍ଗଠନକୁ ମଜଭୁତ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ପ୍ରଭାକର ପଣ୍ଡା, ଜିଲା ଯୁବ ମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନ, ନଗର ସଭାପତି ପ୍ରସନ୍ନ କୁମାର ଡାକୁଆ, ରାଜ୍ୟ ଉପ ସଭାନେତ୍ରୀ ଅନିତା ଶୁଭ ଦର୍ଶନି ପଟ୍ଟନାୟକ, ମଣ୍ଡଳ ସଭାପତି ରଘୁନାଥ ପଣ୍ଡା, ରୋହିତ ପ୍ରଧାନ, ମହେଶ୍ୱର ପରିଡ଼ା, ଗୁଟୁ ସେଠୀ, ଦାମଦୋର ସ୍ୱାଇଁ, ସୁରେନ୍ଦ୍ର ପ୍ରଧାନ, ଦୀନବନ୍ଧୁ ସାହୁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ରକ୍ତ ନେବା ପାଇଁ ମଧ୍ୟସ୍ଥିଙ୍କ ଭିଡ଼




ନୟାଗଡ଼,୬।୭(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତଭଣ୍ଡାରର ଜନ୍ମ ଦିବସ ଅବସରରେ ରକ୍ତଦାତାମାନଙ୍କୁ ପୁରସ୍କୃତ କରାଯାଇଛି । ସେପଟେ କେତେଜଣ ବ୍ୟକ୍ତି ରକ୍ତ ଭଣ୍ଡାର ନିକଟରେ ଭିଡ଼ ଜମାଇ ରକ୍ତ ନେଇଥିବା ଗୁରୁବାର ଦେଖିବାକୁ ମିଳିଥିଲା । ସେମାନେ ମଧ୍ୟସ୍ଥ ସାଜି ରକ୍ତଭଣ୍ଡାର କର୍ମଚାରୀଙ୍କୁ ଧରାଧରି କରି ରକ୍ତ ନେଇ ଭଲ ଦୁଇ ପଇସା ପାଉଛନ୍ତି । ଅନ୍ୟପକ୍ଷେ ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ଦୂର ପାଇଁ ଶିବିର କରାଯାଇ ରକ୍ତ ସଂଗ୍ରହ କରାଯାଉଛି । ହେଲେ ସେହି ରକ୍ତର ସଦୁପଯୋଗ ହେଉ ନ ଥିବା ଅଭିଯୋଗ ହୋଇ ଆସୁଛି ।

# ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଜି.ଉଦୟଗିରି,୬।୭(ଡି.ଏନ.ଏ.)

ସହରାଞ୍ଚଳରେ ମୁକ୍ତା ଯୋଜନା ମାଧ୍ୟମରେ ମହିଳାଙ୍କୁ ସଶକ୍ତୀକରଣ କରିବା ସହ ଶ୍ରମଭିତ୍ତିକ କର୍ମନିଯୁକ୍ତି ସୃଷ୍ଟି କରି ତା'ର ସୁପରିଚାଳନା ଉଦ୍ଦେଶ୍ୟରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ବ୍ଲକ ପ୍ରେକ୍ଷାଳୟଠାରେ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ମିଶନ ଶକ୍ତି ଗୋଷ୍ଠୀ ଓ ପୌରସଂସ୍ଥା ଅଧିକାରୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା) ଯୋଜନା ବିଷୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ ଅଧ୍ୟକ୍ଷତା କରିଥିବା ବେଳେ ସମସ୍ତ ୱାର୍ଡ କାଉନସିଲରଙ୍କ ଉପସ୍ଥିତି ତଥା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ କୋଅର୍ଡିନେଟର ପ୍ରଭାତ ରଞ୍ଜନ ସାହୁ ପରିଚାଳନା କରିଥିଲେ। ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେଉଛି । ତା'ର ଅଧିକାଂଶ କାର୍ଯ୍ୟ ମିଶନ ଶକ୍ତି ଗ୍ରୁପ୍ ଦ୍ୱାରା ମୁକ୍ତା ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ବେଳେ କାର୍ଯ୍ୟଗୁଡ଼ିକୁ ସହଜ ଓ ସରଳ ଭାବେ ସମ୍ପାଦନ କରିବା ପାଇଁ ଗୁରୁବାର ଅନୁଷ୍ଠିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ରାଜ୍ୟ ନଗର ଉନ୍ନୟନ ସଂସ୍ଥା (ସୁଡା) ପକ୍ଷରୁ ଆସିଥିବା ଟ୍ରେନର ଜାଗ୍ରିତି ସିଂ ଓ ନମ୍ରଦା ପ୍ରଧାନ ଯୋଜନା ମାଧ୍ୟମରେ କିପରି କାର୍ଯ୍ୟ ସମ୍ପାଦନ କରାଯିବ ସେ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ପରିଷଦ ଅନ୍ତର୍ଗତ ୨୫ଟି ମିଶନ ଶକ୍ତି ଗ୍ରୁପ୍‌ର ସଭାପତି, ସମ୍ପାଦିକା, ସହକାରୀ ନିର୍ବାହୀ ଯନ୍ତ୍ରୀ ଅସିତ କୁମାର ସେଠୀ, ସମସ୍ତ ୱାର୍ଡ ଅଫିସର, ସିଓକେ ଜୀବନ ଜ୍ୟୋତି ପାତ୍ର, କନିଷ୍ଠ ଯନ୍ତ୍ରୀ ସସ୍ମିତା ବେହେରା ଓ ସୁଶାନ୍ତ ସାହୁ, ଏମ୍ଆଇଏସ୍ ମୁକେଶ ରଞ୍ଜନ ନାୟକ, ବରିଷ୍ଠ ସହାୟକ ସତ୍ୟପ୍ରକାଶ ମହାପାତ୍ର, କନିଷ୍ଠ ସହାୟକ ସୁନ୍ଦର ସୋରେନ, ଭବାନୀ ପ୍ରସାଦ ବେହେରା, ଗଣେଶ ଜେନା, ସ୍ୱର୍ଣ୍ଣ ପ୍ରଭା ଦାସ, ସୁମ୍ରନ ଆରୁଖ, ଦୀପାରାଣୀ ପଟ୍ଟନାୟକ, ମୌସୁମୀ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଗଞ୍ଜେଇ ଜବତ,୨ ଗିରଫ

ଫିରିଙ୍ଗିଆ,୬।୭(ବିକ୍ରମ ଦିଗାଲ)

ଫିରିଙ୍ଗିଆ ଥାନା ଅନ୍ତର୍ଗତ ନୂଆପଦର ଗାଁ ଡିମିରିଗୁଡା ଛକ ନିକଟରୁ ପୋଲିସ ୨୧ କେଜି ଗଞ୍ଜେଇ ସହ ଏକ ବାଇକ୍ ଜବତ କରିଛି। ଏହି ଘଟଣାରେ ଗୁରୁବାର ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଫିରିଙ୍ଗିଆ ଥାନା ଅନ୍ତର୍ଗତ ଲତପଙ୍ଗିଆ ଗାଁର ବାପ ପୁଅ ରଥ ପୃଷ୍ଟି ଓ ରାସବିହାରୀ ପୃଷ୍ଟି। ଏ ନେଇ ଫିରିଙ୍ଗିଆ ଥାନାରେ ନଂ.୧୦୯/୨୩ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ତପନ କୁମାର ନାହକ ସୂଚନା ଦେଇଛନ୍ତି।

# ନୀଳକଣ୍ଠେଶ୍ୱର ମନ୍ଦିରରେ ବୃଷଭ ପ୍ରତିଷ୍ଠା



କବିସୂର୍ଯ୍ୟନଗର,୬।୭(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ନାରାୟଣପୁର ଶାସନ ନୀଳକଣ୍ଠେଶ୍ୱର ମନ୍ଦିରରେ ବୃଷଭ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୋହିତ ଭାବେ କୁମୁଦ ଚନ୍ଦ୍ର ଶତପଥୀ, ସନ୍ତୋଷ ରଥ, ପପୁନା ମିଶ୍ର ଯୋଗ ଦେଇଥିଲେ। ଉତ୍ସବରେ ବିଧାୟିକା ଲତିକା ପ୍ରଧାନ, ଏନଏସି ଅଧ୍ୟକ୍ଷା ଏସ. ଲକ୍ଷ୍ମୀ ସେଠି, ଉପାଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ, କାଉନସିଲର ଜଗଦିଶ ମିଶ୍ର, କୈଳାସ ମିଶ୍ର, ହାଡୁବନ୍ଧୁ କର, ସନତ ମିଶ୍ର, ଯଟେଶ୍ୱର ଶତପଥି, ରସଲ ଦାସ ଆଦି ବହୁ ଭକ୍ତ ଉପସ୍ଥିତ ଥିଲେ।

# ୧୦ ମିନିଟ୍ ବର୍ଷାରେ ବେହାଲ ଦାରିଙ୍ଗବାଡ଼ି

## ଘର, ଦୋକାନ ଭିତରେ ପଶିଲା ବର୍ଷାଜଳ, ଜନଅସନ୍ତୋଷ



୫୯ ନଂ ଜାତୀୟ ରାଜପଥରେ ବର୍ଷା ପାଣି ଜମା ହୋଇ ରହିଛି।

ଦାରିଙ୍ଗବାଡି,୬।୭(ଅରୁଣ ସାହୁ )

ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଗୁରୁବାର ଅପରାହ୍ନ ୩ଟାରେ ପ୍ରବଳ ବର୍ଷିଛି। ମାତ୍ର ୧୦ ମିନିଟ ବର୍ଷାରେ ବେହାଲ ହୋଇଯାଇଛି ଦାରିଙ୍ଗବାଡି ବଜାର। ଉକ୍ତ ବଜାରର ଲକ୍ଷ୍ମୀବଜାର ଛକ, ତିନି ଛକ, ଚାରିଛକ ଅଞ୍ଚଳରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହିବାରୁ ଯାତାୟାତରେ ସମସ୍ୟା ଦେଖାଦେଇଛି। ଉକ୍ତ ଅଞ୍ଚଳରେ ଅନେକ ଲୋକଙ୍କ ଦୋକାନ ଗୃହ ସମେତ ଘରେ ପାଣି ପଶି ଯାଇଛି। ରାଇପୁରଠାରୁ ଗୋପାଳପୁର ୫୯ ନଂ ଜାତୀୟ ରାଜପଥ ଦାରିଙ୍ଗବାଡି ବଜାର ଦେଇଯାଇଛି। ଗତ କିଛିଦିନ ତଳେ ଏହି ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ତ୍ରୁଟିପୂର୍ଣ୍ଣ ଡ୍ରେନେଜ କାର୍ଯ୍ୟ ସହ ପେବର ବ୍ଲକ କାର୍ଯ୍ୟ ଅତି ନିମ୍ନମାନର କରାଯାଇଥିବା ଅଭିଯୋଗ ହୋଇଛି। ଏବେ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ରାଜପଥର ପାଣି ଡ୍ରେନ୍‌ରେ ପ୍ରବେଶ କରିପାରୁନି। ଫଳରେ ରାଜପଥ ଉପରେ ବର୍ଷା ଜଳ ଜମା ହୋଇ ରହୁଛି। ଏ ନେଇ ଜାତୀୟ ରାଜପଥ ବିଭାଗର କନିଷ୍ଠ ଯନ୍ତ୍ରୀ ଜୟଦେବ ଦେଙ୍କୁ ପଚାରିବାରୁ ଜଳ ଯୋଗାଣ ବିଭାଗ ଡ୍ରେନ୍ ନିକଟରେ ପାଇପ ବିଛାଇଥିବାରୁ ରାଜପଥ ଉପର ପାଣି ନିଷ୍କାସନ ହୋଇପାରୁ ନଥିବା ସେ କହିଛନ୍ତି। ଶୀଘ୍ର ଜଳ ନିଷ୍କାସନ ପାଇଁ ପଦକ୍ଷେପ ନେବୁ ବୋଲି ବିଭାଗୀୟ ଯନ୍ତ୍ରୀ ପ୍ରକାଶ କରିଛନ୍ତି।

## ବିପଦସଙ୍କୁଳ ଅବସ୍ଥାରେ ଶୁଖିଲା ଗଛ

ନୂଆଗଡ଼,୬।୭(ପପୁନ ପରିଚ୍ଛା)

ନୂଆଗଡ଼ ସଦର ମହକୁମାଠାରୁ ଖଜୁରିପଦା ଯାଏ ପୂର୍ତ୍ତ ବିଭାଗ ୬କିମି ରାସ୍ତାର ଉଭୟ ପାର୍ଶ୍ୱର ଅନେକ ସ୍ଥାନରେ ଶୁଖିଲା ଗଛଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ରାସ୍ତାରେ ଶହଶହ ଲୋକ ବିଭିନ୍ନ କାର୍ଯ୍ୟରେ ଯିବା ଆସିବା କରିଥାନ୍ତି। ପଥଚାରୀମାନଙ୍କ ଉପରେ କାଳେ ଶାଖାର ଶୁଖିଲା ଡାଳ ପଡ଼ିବା ନେଇ ଭୟ ସୃଷ୍ଟି ହେଉଥିବା ଚର୍ଚ୍ଚା ହେଉଛି। ସାମାନ୍ୟ ବର୍ଷା ପବନରେ ଶାଖା ପ୍ରଶାଖାର ଶୁଖିଲା ବକଳ ଏବଂ କାଠଖଣ୍ଡ ରାସ୍ତା ଉପରେ ଖଣ୍ଡ ଖଣ୍ଡ ହୋଇ ପଡୁଥିବା ଦେଖିବାକୁ ମିଳୁଛି। ତେଣୁ ଆଗାମୀ ଦିନରେ ପଥଚାରୀମାନଙ୍କର ଜୀବନ ହାନି ହେବାର ଆଶଙ୍କା ରହିଛି। ଏହି ରାସ୍ତା ଦେଇ ପ୍ରଶାସନ, ପୂର୍ତ୍ତ ବିଭାଗ, ବନ ବିଭାଗ କର୍ମଚାରୀ ପ୍ରତିଦିନ ଯିବା ଆସିବା କରନ୍ତି। ହେଲେ କାହାର ବି ଦୃଷ୍ଟି ପଡୁ ନ ଥିବା ଅଭିଯୋଗ ହେଉଛି। ଏଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଶୁଖିଲା ଗଛଗୁଡିକ ସଫା କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।



# ପ୍ରଧାନ ଶିକ୍ଷକଙ୍କୁ ଘେରିଲେ ଛାତ୍ରୀଛାତ୍ର

ପୋଲସରା,୬।୭(ସୁବ୍ରତ ବେହେରା)



ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା।

- ଦୁଇବର୍ଷ ଧରି ମିଳୁନି ମଧ୍ୟାହ୍ନ ଭୋଜନ ଟଙ୍କା
- ସାର୍ଟିଫିକେଟ ବାବଦକୁ ନିଆଯାଇଛି ୧୦୦ରୁ ୨୦୦

ପୋଲସରା ବ୍ଲକ ଚିରିକିପଡା ଶାସନ ଗ୍ରାମର ଉଚ୍ଚ ବିଦ୍ୟାଳୟରେ କରୋନାରେ ମଧ୍ୟାହ୍ନଭୋଜନ ଟଙ୍କା ହେରଫେର ହୋଇଥିବା ଅଭିଯୋଗରେ ବୁଧବାର ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ରଧାନ ଶିକ୍ଷକଙ୍କୁ ଘେରିଛନ୍ତି। କରୋନାରେ ଏହି ବିଦ୍ୟାଳୟକୁ ସରକାରଙ୍କ ତରଫରୁ ମଧ୍ୟାହ୍ନଭୋଜନ ବାବଦକୁ ଆନୁମାନିକ ୧୫ଲକ୍ଷ ଟଙ୍କା ଆସିଥିଲା। ଅଗଷ୍ଟ ୨୦୨୧ରୁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୁଲୁ ବେହେରା ଏହି ଟଙ୍କାକୁ ଉଠାଇ ନିଜ ପାଖରେ ରଖିଥିଲେ ଏବଂ ବ୍ୟାଙ୍କ ଖାତାରେ ମଧ ଅନୁରୂପ ହୋଇଥିବା ଜଣାପଡିଥିଲା। ବର୍ତ୍ତମାନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଦଶମ ଶ୍ରେଣୀ ପାସ୍ ହୋଇଯିବା ପରେ ସେମାନଙ୍କୁ ଟଙ୍କା ମିଳି ନ ଥିବାରୁ ସମସ୍ତ ଛାତ୍ରୀଛାତ୍ର ମିଶି ସ୍ଥାନୀୟ ସରପଞ୍ଚ ନିକଟରେ ଅଭିଯୋଗ କରିଆସୁଥିଲେ। ବୁଧବାର ସ୍କୁଲରେ ପ୍ରବେଶ କରି ଛାତ୍ରୀଛାତ୍ର ଓ ସରପଞ୍ଚ ଭଗବାନ ସାହୁ ସ୍କୁଲର ପ୍ରଧାନ ଶିକ୍ଷକ ବୁଲୁ ବେହେରାଙ୍କୁ ରେକର୍ଡ ଦେଖାଇବା ପାଇଁ ମାଗିଥିଲେ। ହେଲେ ପ୍ରଧାନ ଶିକ୍ଷକ ନିଜ ଘରେ ରଖିଥିବା କହିବା ସହିତ ସହକାରୀ ଶିକ୍ଷକ ଜଗନ୍ନାଥ ନାୟକଙ୍କ ପାଖରେ ଛାତ୍ରୀଛାତ୍ରମାନଙ୍କ କରୋନା ଅର୍ଥ ନେଣଦେଣ ଖାତା ରହିଥିବା କହିଥିଲେ ଏବଂ ସେ ଆଜି ଛୁଟିରେ ଅଛନ୍ତି ଆସିଲେ କହିବେ ବୋଲି କହିଥିଲେ। ଏ ନେଇ ସ୍ଥାନୀୟ ସରପଞ୍ଚ ଓ କିଛି ଅଭିଭାବକ ବାରମ୍ବାର ପ୍ରଧାନ ଶିକ୍ଷକଙ୍କୁ କହିଥିଲେ ମଧ ଦୀର୍ଘ ଦିନଧରି ସେ ଅଣଦେଖା କରି ଚାଲିଥିଲେ। କରୋନା ଅର୍ଥ ଆସିବା ସମୟରେ ପିଲାମାନେ ଅଷ୍ଟମ ଶ୍ରେଣୀରେ ଥିଲେ, ବର୍ତ୍ତମାନ ସେମାନଙ୍କ ଦଶମ ପରୀକ୍ଷା ସରିଯାଇଛି। ଦଶମ ସାର୍ଟିଫିକେଟ ନେବା ବେଳେ ପ୍ରଧାନ ଶିକ୍ଷକ ଛାତ୍ରୀଛାତ୍ରମାଙ୍କୁ ୧୦୦ରୁ ୨୦୦ ଟଙ୍କା ମାଗିଥିଲେ। ପିଲାମାନେ ଏ ନେଇ ଅଭିଯୋଗ କରିବା ସହିତ କରୋନା ସମୟରେ ସରକାରଙ୍କଠାରୁ ଆସିଥିବା ଅର୍ଥ ଦେବା ପାଇଁ କହିଥିଲେ। ଏହା ପରେ ମଙ୍ଗଳବାର ପ୍ରଧାନ ଶିକ୍ଷକ କିଛି ପିଲାଙ୍କୁ ଦୁଇ ବର୍ଷର ଅର୍ଥ ୪୦୦୦ରୁ ଊର୍ଦ୍ଧ୍ୱ ଟଙ୍କା ହେଉଥିବା ବେଳେ ୬୦୦ରୁ ୮୦୦ ଟଙ୍କା ଦେବା ପାଇଁ ଚେଷ୍ଟା କରିଥିଲେ ମଧ ଛାତ୍ରୀଛାତ୍ରମାନେ ନେଇ ନ ଥିଲେ। ଏହା ସହିତ ସ୍ଥାନୀୟ ସରପଞ୍ଚ ଭଗବାନ ସାହୁଙ୍କୁ ଅବଗତ କରି ଯୁକ୍ତି ବାଢ଼ିଥିଲେ। ସାର୍ଟିଫିକେଟ ବାବଦକୁ ମଗାଯାଉଥିବା ଟଙ୍କା ଅନ୍ୟ ଶିକ୍ଷକମାନେ ଜାଣି ନ ଥିବା ବେଳେ ପ୍ରଧାନ ଶିକ୍ଷକ ସେହି ଅର୍ଥକୁ କାହା ପରାମର୍ଶରେ ଆଦାୟ କରୁଥିଲେ ଏ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପରେ ଛାତ୍ରୀଛାତ୍ର, ଅଭିଭାବକ ଓ ସ୍ଥାନୀୟ ସରପଞ୍ଚ ବହୁ ସମୟ ଧରି ଯୁକ୍ତିତର୍କ କଲାପରେ ପ୍ରଧାନ ଶିକ୍ଷକ କରୋନା ଟଙ୍କା ଦେବା ସହିତ ସାର୍ଟିଫିକେଟ ଉଠାଣ ବାବଦକୁ ନେଇଥିବା ଟଙ୍କା ଫେରାଇବା ପାଇଁ କହିଥିଲେ। ତେବେ ଏହାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଦ୍ୟାଳୟର ଛାତ୍ରୀଛାତ୍ର ସମେତ ସ୍ଥାନୀୟ ସରପଞ୍ଚ ଭଗବାନ ସାହୁ ଅଭିଯୋଗ କରିଛନ୍ତି। ଏ ନେଇ ସ୍କୁଲ ପ୍ରଧାନ ଶିକ୍ଷକ ବୁଲୁଙ୍କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିବାରୁ ସେ ଫୋନ୍ ରିସିଭ କରିନାହାନ୍ତି।

# ନିମ୍ନମାନ କାମ କରି ଠିକାଦାର ଫେରାର

- ୧.୧୫ କୋଟି ବରବାଦ, ଯନ୍ତ୍ରୀଙ୍କ ସ୍ୱୀକାରୋକ୍ତି
- ବନ୍ଧାଲୋ-ଏଣ୍ଡରପଦା ପୂର୍ତ୍ତ ବିଭାଗ ରାସ୍ତା
- ଜବାବ ତଲବରେ ସୀମିତ କାର୍ଯ୍ୟାନୁଷ୍ଠାନ
- ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଅସାଧୁ ମେଣ୍ଟ ଥିବା ସନ୍ଦେହ
- ବିଭାଗୀୟ ନୋଟିସକୁ ଅଣଦେଖା


ବନ୍ଧାଲୋ-ଏଣ୍ଡରପଦା ରାସ୍ତା ଖାଲଖମାରେ ପରିଣତ ହୋଇଛି ।



ଯାଜପୁର,୬।୭(ହର୍ଷବର୍ଦ୍ଧନ ବେହେରା) : ଯାଜପୁର ଜିଲା ଗଠନ ହେବା ପରେ ଲୋକଙ୍କ ଜୀବନଧାରଣ ମାନରେ ଆଶାନୁରୂପ ଉନ୍ନତି ଆସିନାହିଁ । ଯେଉଁ ଅଞ୍ଚଳର ଗମନାଗମନ ଯେତେ ସୁଦୃଢ଼ ସେହି ଅଞ୍ଚଳ ସେତେ ଉନ୍ନତ ବୋଲି ବିଶ୍ୱାସ ରହିଛି । କିନ୍ତୁ ଦୁର୍ବଳ ନେତୃତ୍ୱ ତଥା ଠିକାଦାର ରାଜନୀତି ବିକାଶର ଧାରାକୁ ପଛକୁ ପକାଇ ଦେଇଥିବା ସାଧାରଣରେ ଆଲୋଚନା ହେଉଛି। ଆର ଆଣ୍ଡ ବି(ପୂର୍ତ୍ତ) ବିଭାଗର ଅର୍ଥ ଠିକ ଭାବେ ବିନିଯୋଗ ହେଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କୁହାଯାଉଛି । କଟକ ଜିଲା ଅଧୀନରେ ଥିବା ଚାରବାଟିଆ ପୂର୍ତ୍ତ ଡିଭିଜନ ଜରିଆରେ ଯାଜପୁର ଜିଲାରେ ହେଉଥିବା ରାସ୍ତା କାର୍ଯ୍ୟଗୁଡ଼ିକୁ ଅବଲୋକନ କଲେ ଏହା ଜଳଜଳ ହୋଇ ଦିଶୁଛି । ଏଠାରେ ବନ୍ଧାଲୋ-ଏଣ୍ଡରପଦା ୫ କିମି ରାସ୍ତାର ଉନ୍ନତିକରଣ କାର୍ଯ୍ୟକୁ ଖୋଦ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ସୁଚିନ୍ତିତ ଅବା ଯୋଜନାବଦ୍ଧ ଭାବେ ନ କରି ହାଫାଜର୍ଡ ମେନର(ଆବୁରୁ ଜାବୁରୁ) ରାସ୍ତା କାର୍ଯ୍ୟ ସମ୍ପନ୍ନ ହୋଇଥିବା ସ୍ୱୀକାର କରିଛନ୍ତି। ଏପରି କି ସମୁଦାୟ ବ୍ୟୟ ଅଟକଳ ୪ କୋଟି ୨ ଲକ୍ଷ ୪୫ ହଜାର ୯୬୧ ଟଙ୍କା ମଧ୍ୟରୁ ସଂପୃକ୍ତ ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର ରାଜୀବଲୋଚନ ସାହୁ ଏଭଳି କାମ କରି ୧ କୋଟି ୧୫ ଲକ୍ଷ ୫୪ ହଜାର ୯୪୯ ଟଙ୍କା ଉଠାଇ ନେଇଥିବା ଜଣାପଡ଼ିଛି। ଠିକାଦାର ସାହୁ ବିଭାଗୀୟ ଅଧିକାରୀଙ୍କ କୌଣସି କାରଣ ଦର୍ଶାଅ ନୋଟିସ କିମ୍ବା ଉପସ୍ଥିତ ରହିବାକୁ ହେଉଥିବା ନିର୍ଦ୍ଦେଶକୁ ଭୃକ୍ଷେପ କରୁ ନାହାନ୍ତି। ଏଥିରୁ ଠିକାଦାରଙ୍କ ସହ ଉପର ମହଲାରେ ବହୁ ହାତ ଥିବା ସନ୍ଦେହ କରାଯାଉଛି। ଫଳରେ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ପ୍ରାୟ ୨୦ ହଜାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ପଡୋଶୀ କଟକ ଜିଲାର ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନ ଅଧୀନରେ ଯାଜପୁର ଜିଲାର ବଡ଼ଚଣା ଓ ବରୀ ବ୍ଲକର ୧୨ଟି ଗୁରୁତ୍ୱପୂର୍ଣ୍ଣ ରାସ୍ତା ରହିଛି । ଏହିସବୁ ରାସ୍ତା ଉପରେ ଜିଲା ପ୍ରଶାସନର ସେତେଟା କର୍ତ୍ତୃତ୍ୱ ରହୁ ନ ଥିବାରୁ ମନମୁଖି ନିର୍ମାଣ ସହ ହରିଲୁଟ ଯୋଗୁ ଅଧିକାଂଶ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି । ଚାରବାଟିଆ ପୂର୍ତ୍ତ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କ ରିପୋର୍ଟ ଅନୁସାରେ ୧୬ ନମ୍ବର ଜାତୀୟ ରାଜପଥର ବନ୍ଧାଲୋଠାରୁ ଏଣ୍ଡରପଦା ୫କିମି ରାସ୍ତା ନିର୍ମାଣ ୧।୧୨।୨୦୧୮ରୁ ଆରମ୍ଭ ହୋଇ ୩୧।୮।୨୦୧୯ରେ ଶେଷ ହେବା କଥା । କିନ୍ତୁ ଏହାର ୪ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ରାସ୍ତା ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ବିଡ଼ମ୍ବନା ଯେ, ଠିକାଦାରଙ୍କ ଉପରେ କେବଳ ବିଭାଗୀୟ କାରଣ ଦର୍ଶାଅ ନୋଟିସ କରି ଅଯାଚିତ ଅନୁକମ୍ପା ପ୍ରଦର୍ଶନ ହେଉଥିବା ଜଣାପଡ଼ିଛି। ଅଧୀକ୍ଷଣ ଯନ୍ତ୍ରୀଙ୍କ ରିପୋର୍ଟରେ ଆହୁରି ଦର୍ଶାଯାଇଛି ଯେ, ରାସ୍ତାର ମନ୍ଥର ଅଗ୍ରଗତି ଏବଂ ଅସମ୍ପୂର୍ଣ୍ଣକୁ ନେଇ ଠିକାଦାରଙ୍କୁ ଏକାଧିକ ଥର ଜବାବ ତଲବ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୫ କିମି ରାସ୍ତା ମଧ୍ୟରୁ ମାତ୍ର ୧୨୭୭.୭୩ ମିଟର ପିଚୁ ଶେଷ ହୋଇଥିବାବେଳେ ୩୭୬୦ ମିଟର ଜିଏସ୍‌ବି(ପିଚୁ ତଳସ୍ତର) ଏବଂ ୨୧୫୬.୬୫ ମିଟର ଡବ୍ଲୁଏମ୍‌ଏମ୍(ମେଟାଲ, ଆଶ୍‌ଗୁଣ୍ଡ ଇତ୍ୟାଦି) ପର୍ଯ୍ୟନ୍ତ ହାଫାଜର୍ଡ ମେନର(ଆବୁରୁ ଜାବୁରୁ) ଭାବେ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏନେଇ ଠିକାଦାର ସାହୁଙ୍କୁ ଏକାଧିକ ଥର ନୋଟିସ ଦେବା ପରେ ସେ ବିଭାଗୀୟ ଚିଫ୍ ଇଞ୍ଜିନିୟରଙ୍କୁ ଭେଟି ୩୦।୧୨।୨୦୨୨ ସୁଦ୍ଧା କାର୍ଯ୍ୟ ସମ୍ପନ୍ନ କରିବେ ବୋଲି ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚିଫ୍ ଇଞ୍ଜିନିୟରଙ୍କ ନିର୍ଦ୍ଦେଶରେ ବାକି କାମ କରିବାକୁ ଠିକାଦାରଙ୍କୁ ଅନୁମତି ଦେଇ ୧୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । କିଛିଟା କାମ କରି ଠିକାଦାର ଜଣକ ପୁଣି ଅଦୃଶ୍ୟ ହୋଇଯାଇଛନ୍ତି। ଚାରବାଟିଆ ପୂର୍ତ୍ତ ବିଭାଗ ପକ୍ଷରୁ ଗତ ୩ ତାରିଖରେ ଠିକାଦାରଙ୍କୁ ଉପସ୍ଥିତ ରହି ବୃତ୍ତାନ୍ତ ମାପଚୁପ କରିବାକୁ ନୋଟିସ ହୋଇଥିଲା । ହେଲେ ଠିକାଦାର ଜଣକ ଉକ୍ତ ନୋଟିସକୁ ଅଣଦେଖା କରି ଉପସ୍ଥିତ ରହି ନ ଥିଲେ । ଏହାପରେ ଚାରବାଟିଆ ଅଧୀକ୍ଷଣ ଯନ୍ତ୍ରୀ ୩।୭।୨୦୨୩ରେ ଅସହାୟତା ପ୍ରକାଶ କରି ଚିଫ୍ ଇଞ୍ଜିନିୟରଙ୍କୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି। ଏଥିରୁ ଠିକାଦାର ଏବଂ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଅସାଧୁ ମେଣ୍ଟ ରହିଥିବା ସନ୍ଦେହ କରାଯାଉଛି। ଏଥିରେ ସଂପୃକ୍ତ ଅଞ୍ଚଳବାସୀ ଉପଯୁକ୍ତ ଗମନାଗମନ ସୁବିଧା ନ ପାଇ ପେଷି ହେଉଥିବାବେଳେ ଠିକାଦାର ଓ ଯନ୍ତ୍ରୀ ମାଲାମାଲ ହେଉଥିବା ସାଧାରଣରେ ମତପ୍ରକାଶ ପାଇଛି।


ପାରାଦୀପଗଡ଼ ବୃନ ଛକଠାରେ ଏକ ଘରୋଇ ବସ୍ ଛାତ ଉପରେ ଗୁରୁବାର ସନ୍ଧ୍ୟାରେ ବହୁ ଶ୍ରମିକ ବସି ଯାଉଛନ୍ତି। ଉକ୍ତ ଶ୍ରମିକମାନେ କୋଲକାତାରୁ ଦୀଘା ପର୍ଯ୍ୟନ୍ତ ଯାଉଥିବା ଜଣାପଡ଼ିଛି। (ଫଟୋ: ଶରତ ରାଉତ)

# ଶିକ୍ଷକ ପଦବୀ ପୂରଣ ପାଇଁ ବିଇଓ କାର୍ଯ୍ୟାଳୟରେ ତାଲା

## ଅଭିଭାବକମାନଙ୍କ ଧାରଣା

କେନ୍ଦ୍ରାପଡ଼ା,୬।୭(ଜଗନ୍ନାଥ ଧଳ): ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ପଡ଼ିଥିବାରୁ ପିଲାମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି।

ବାରମ୍ବାର ଅଭିଯୋଗ ପରେ ଅଧିକାରୀମାନେ ନ ଶୁଣିବାରୁ ଶେଷରେ ଗୁରୁବାର ଅଭିଭାବକମାନେ ବିଇଓଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେଇଛନ୍ତି। କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ପେଗରପଡ଼ା, ବଳିଭଣ୍ଡା ଓ ସିହୋପଡ଼ା ପଞ୍ଚାୟତରେ ଥିବା ବିଦ୍ୟାଳୟରେ ଏକାଧିକ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଏହି ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀଛାତ୍ର ଓ ଅଭିଭାବକ ଅନେକ ଥର ବ୍ଲକ ଶିକ୍ଷାଧିକାରୀଙ୍କୁ ଭେଟି ଶିକ୍ଷକ ସମସ୍ୟାର ସମାଧାନ ପାଇଁ ନିବେଦନ କରିଥିଲେ। ବିଫଳ ହେବା ପରେ ଶେଷରେ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇବାକୁ ବାଧ୍ୟ ହୋଇଛନ୍ତି। ତେବେ ଏଥିରେ ମଧ୍ୟ ବିଫଳ ହେବା ପରେ ଶେଷରେ ଶିକ୍ଷକ ନିଯୁକ୍ତ ପାଇଁ ଶିକ୍ଷାଧିକାରୀଙ୍କ ଗୋଡ଼ ଧରି ବିନତି କରୁଥିବା ଭଳି ଦୃଶ୍ୟ ଶିକ୍ଷା ବିଭାଗର ପାରିବା ପଣିଆ ଓ ରାଜ୍ୟ ସରକାରଙ୍କ ରୂପାନ୍ତରଣ ବ୍ୟବସ୍ଥାକୁ ପଦାରେ ପକାଇଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ କୈଳାସ ଦଳାଇଙ୍କୁ ପଚାରିବାରେ ଆମେ ନିରୁପାୟ ବୋଲି ସେ କହିଥିଛନ୍ତି।


ଅଭିଭାବକମାନେ ବିଇଓଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଆମରଣ ଅନଶନ ଦେଇଛନ୍ତି।

# ନବୋଦୟ ପ୍ରବେଶିକା ପରୀକ୍ଷାରେ ଆକାଂକ୍ଷା ପ୍ରଥମ

ବଡ଼ଚଣା,୬।୭(ଦିଲୀପ କୁମାର ମହାନ୍ତି): ଚଳିତ ବର୍ଷ ନବୋଦୟ ପ୍ରବେଶିକା ପରୀକ୍ଷାରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଆକାଂକ୍ଷା ସାହାଣୀ ଯାଜପୁର ଜିଲାରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଦର୍ପଣ ପଞ୍ଚାୟତ କୋହ୍ଲାସିଂହ ଗ୍ରାମର ଦିଲୀପ କୁମାର ସାହାଣୀ ଓ ଅରୁଣବାଳା ସାହାଣୀଙ୍କ ଝିଅ ଆକାଂକ୍ଷାଙ୍କ ଏହି ସଫଳତା ପରେ ଶିଶୁମନ୍ଦିର ସଭାପତି ସିଦ୍ଧେଶ୍ୱର ଦାସ, ସମ୍ପାଦକ ବିଭାସ ଚନ୍ଦ୍ର ନନ୍ଦ, ପ୍ରଧାନଆଚାର୍ଯ୍ୟ ଅକ୍ଷୟ କୁମାର ଦାସ, ସହଆଚାର୍ଯ୍ୟା ରୀତାଞ୍ଜଳି ଜେନା, ଶିକ୍ଷକ ମାନସ ରଞ୍ଜନ ବେହେରା, ସୌମ୍ୟରଞ୍ଜନ ସାହୁ, ହେମଲତା ନାୟକ, ପୁଷ୍ପଲତା ସ୍ୱାଇଁ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।


ଆକାଂକ୍ଷା ସାହାଣୀ

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଏ.ଗୁରୁ କ୍ରିଷ୍ଣା


@ ଗୁଡୁଲି


@ ନାରାୟଣ


@ ନିତୁ


@ ସଦାନନ୍ଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମାଟିରେ ମିଶିବ ପୁରୁଣା ସ୍ୱତନ୍ତ୍ର ସର୍କିଟ ହାଉସ


ପାରାଦୀପରେ ଥିବା ସର୍କିଟ ହାଉସକୁ ଭଙ୍ଗା ଯାଉଛି।

ପାରାଦୀପ,୬।୭ (ଶରତ ରାଉତ): ପାରାଦୀପର ବେଳାଭୂମି ରାସ୍ତା କଡରେ ଥିବା ପୁରୁଣା ସ୍ୱତନ୍ତ୍ର ସର୍କିଟ ହାଉସ ଏବେ ଭଙ୍ଗା ଚାଲିଛି। ଆଉ କିଛି ଦିନ ମଧ୍ୟରେ ତାହା ସମ୍ପୂର୍ଣ୍ଣ ମାଟିରେ ମିଶିଯିବ। ସେହି ପୁରୁଣା ସର୍କିଟ ହାଉସ ସୀମା ମଧ୍ୟରେ ଆଉ ଏକ ନୂଆ ସର୍କିଟ ହାଉସ ନିର୍ମାଣ ସରିଛି। ଉକ୍ତ ପୁରୁଣା ଘର ୧୯୮୪ରେ ନିର୍ମିତ ହୋଇଥିଲା। ସେତେବେଳେ ଏହି ସର୍କିଟ ହାଉସ ଭିତରେ ଅତିଥିମାନଙ୍କ ରହିବା ପାଇଁ ୧୦ଟି ବିଳାସପୂର୍ଣ୍ଣ କକ୍ଷ, ବୈଠକ ଘର, ରୋଷେଇ ଘର, ଅଫିସ, ଷ୍ଟାଫଙ୍କ ରହିବା ପାଇଁ ଅଲଗା କ୍ୱାର୍ଟର, ଗାଡ଼ି ରହିବା ପାଇଁ ଗ୍ୟାରେଜ ଆଦି ଥିଲା। ମାତ୍ର ୩୫ ଟଙ୍କାରେ ସ୍ୱତନ୍ତ୍ର ଅତିଥିମାନେ ଏଠାରେ ରହୁଥିଲେ। ପରିଚାଳନା ପାଇଁ ୧୦ରୁ ଅଧିକ କର୍ମଚାରୀ ଥିଲେ। ସମୟାନୁସାରେ କର୍ମଚାରୀ ହ୍ରାସ ପାଇବା ସହ ଘର ଭଗ୍ନ ଅବସ୍ଥାରେ ପହଞ୍ଚିଯାଇଛି। ଗତ ୫ ବର୍ଷ ମଧ୍ୟରେ ଏଠାରେ ପ୍ରାୟ ୧୫ ଲକ୍ଷ ଟଙ୍କାରୁ ଅଧିକ କେବଳ ମରାମତି ବାବଦରେ ଖର୍ଚ୍ଚ ହୋଇଛି ବୋଲି ଜନସୂଚନା ତଥ୍ୟରୁ ଜଣାପଡ଼ିଛି। ଏହା ମଧ୍ୟ ଉକ୍ତ ପୁରୁଣା ସର୍କିଟ ହାଉସକୁ ପ୍ରଶାସନ ପକ୍ଷରୁ ଭଙ୍ଗା ଯାଉଛି। ଏବେ ଯେଉଁ ନୂଆ ସର୍କିଟ ହାଉସ ହୋଇଛି ସେଥିରେ ମାତ୍ର ଅତିଥି ରହିବା ପାଇଁ ୪ ଟି କକ୍ଷ ରହିଛି। ଜଣେ ମାତ୍ର ଚତୁର୍ଥ ଶ୍ରେଣୀ କର୍ମଚାରୀ ଏହାକୁ ପରିଚାଳନା କରୁଛନ୍ତି। ଅତିଥି ରହଣି ଭଡ଼ା ଗୋଟିଏ ଦିନ ପାଇଁ ୫୦୦ ଟଙ୍କାରୁ ଅଧିକ ରହିଛି। ସେହି ସର୍କିଟ ହାଉସ ପରିସରରେ କିଛି ସରକାରୀ ଗାଡ଼ି ଖତ ଖାଉଥିବା ଦେଖିବାକୁ ମିଳିଛି। ଅପରପକ୍ଷେ ପାରାଦୀପର ସ୍ୱତନ୍ତ୍ର ପ୍ରତୀକ ଥିବା ସର୍କିଟ ହାଉସ ପାଖରେ ଏବେ ନୂଆକରି ପୋର୍ଟସାଇଡ କାଫେ ସେଣ୍ଟର ଖୋଲିଛି।

# ହାଣ୍ଡିଶାଳରୁ ସ୍କୁଲ ହଣ୍ଡା ପର୍ଯ୍ୟନ୍ତ ମହଙ୍ଗା ମାଡ଼

- ପରିବା ଦର ଶୁଣି ଖାଉଟି ଚିନ୍ତାରେ
- ଦର ନିୟନ୍ତ୍ରଣ ପାଇଁ ପ୍ରଶାସନିକ ଅଧିକାରୀ ତତ୍ପର ନୁହନ୍ତି
- ଜିଲାରେ ଉତ୍ପାଦନ, ସଂରକ୍ଷଣ ପାଇଁ ପ୍ରୋତ୍ସାହନ ନାହିଁ

କେନ୍ଦ୍ରାପଡ଼ା, ୬।୭ (ଜଗନ୍ନାଥ ଧଳ) ରାଜ୍ୟ ସରକାର ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କୁ ସ୍ୱାବଲମ୍ବୀ କରୁଛନ୍ତି । ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀକୁ ଅନୁଦାନ ଯୋଗାଇ ମିଶନ ଶକ୍ତି କାଫେ ଖୋଲାଇଛନ୍ତି। ଏହି କାଫେ ବଜାରର ମହଙ୍ଗା ମାଡ଼ରୁ ନିସ୍ତାର ନ ପାଇ ବନ୍ଦ ହେବାକୁ ବସିଛି। ଏହି କାଫେ ମଧ୍ୟରେ ମହଙ୍ଗା ମାଡ଼ ସୀମିତ ନୁହେଁ। ବଜାର ଦର ସମସ୍ତ ଘରୋଇ ଓ ସରକାରୀ ଯୋଜନା ଉପରେ ପ୍ରଭାବ ପକାଇଛି। ଘରେ ହାଣ୍ଡିଶାଳରୁ ସ୍କୁଲ, ଅଙ୍ଗନୱାଡ଼ିର ଭୋଜନ କାର୍ଯ୍ୟକ୍ରମ ପରିଚାଳନାକୁ ନେଇ ଖାଉଟି ଏବେ ଚିନ୍ତାରେ ପଡ଼ିଛନ୍ତି। ଗୋଟିଏ ପାର୍ଶ୍ୱରେ ପ୍ରଶାସନିକ ଅଧିକାରୀ ବଜାର ଦର ଉପରେ ନିୟନ୍ତ୍ରଣ ରଖୁ ନ ଥିବା ବେଳେ କେନ୍ଦ୍ରାପଡ଼ା ପରି କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ ଜିଲାରେ ପରିବା ଉତ୍ପାଦନ ଓ ସଂରକ୍ଷଣକୁ ପ୍ରୋତ୍ସାହନ ନାହିଁ।

ଏ ସମ୍ପର୍କରେ ଡେରାବିଶର ଗାୟତ୍ରୀ ଦାସ କହିଛନ୍ତି, ମହଙ୍ଗା ମାଡ଼ ହାଣ୍ଡିଶାଳ ଉପରେ ପ୍ରଭାବ ପକାଇଛି। ଚାଉଳ, ଡାଲି, ପରିବା, ଚିନି ପରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ଆକାଶ ଛୁଆଁ ହୋଇଛି। ସାଧାରଣ ଉପାର୍ଜନ ମଧ୍ୟରେ ଘର ଖର୍ଚ୍ଚ ବଜେଟ ବଢ଼ିବାରୁ ଘର ଚଳାଇବା କଷ୍ଟକର ହେଉଛି। କିଛି ମାସ ମଧ୍ୟରେ ଡାଲି ୧୦୦ରୁ ୧୫୦ ଛୁଇଁ ଥିବା ବେଳେ ଅଟା ୨୮ରୁ ୪୫ ଟଙ୍କାକୁ ଛୁଇଁଛି। ଏପରି କି ଇତିମଧ୍ୟରେ ଲୁଣ କେଜି ପ୍ରତି ୧୦ଟଙ୍କା ବଢ଼ିଛି। ସେହିପରି ଗୋଟିଏ ଛୋଟିଆ ପରିବା ବ୍ୟାଗ ପୂରଣ ପାଇଁ ୫୦୦ରୁ ୭୦୦ ଟଙ୍କା ପର୍ଯ୍ୟନ୍ତ ଆବଶ୍ୟକ ହେଉଛି। ସହରର ସେକ୍ ଅମଜାନ କୁହନ୍ତି, ବଜାର ହାଟରେ ଏହି ଜିଲାର ସ୍ୱଉତ୍ପାଦିତ ସାମଗ୍ରୀ ଦେଖିବାକୁ ମିଳୁନାହିଁ। ବାହାରୁ ଆସୁଥିବା ପରିବା ଦର ଅତ୍ୟଧିକ ରହିଛି। ଗତ ସପ୍ତାହରେ ଟମାଟୋ କେଜି ପ୍ରତି ୩୦ ଟଙ୍କା ଥିବା ବେଳେ ହଠାତ ଏହାର ଦର ୧୩୦ ଟଙ୍କା ଛୁଇଁଛି। ସେହିପରି ଅଦା ୩୦୦, ପୋଟଳ ୧୦୦, ଝୁଡଙ୍ଗ, ବରଗୁଡ଼ି, ବିନ୍ସ ଆଦି ୧୮୦ରୁ ୨୨୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ସାଧାରଣରେ କଖାରୁ, ଅମୃତଭଣ୍ଡା ୮ରୁ ୧୬ ଟଙ୍କା ବଜାର ଦର ଥିବା ବେଳେ ଏବେ ଏହାର ମୂଲ୍ୟ କେଜି ପ୍ରତି ୨୦ରୁ ୪୦ ଟଙ୍କାକୁ ଛୁଇଁଲାଣି। ଅନ୍ୟ ଜିଲାକୁ ବାଇଗଣ ଯୋଗାଣରେ କେନ୍ଦ୍ରାପଡ଼ା ଜିଲା ରାଜ୍ୟରେ ଏକଦା ପ୍ରଥମ ସ୍ଥାନ ଅଧିକାର କରିଥିଲା। ଏବେ ଚାଲାଣ ବାଇଗଣର ମୂଲ୍ୟ ୬୦ରେ ପହଞ୍ଚିଲାଣି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳର ଏସ୍‌ଏସ୍‌ଜି ସଦସ୍ୟା ମିନତି ପଣ୍ଡା କହିଛନ୍ତି, ଗ୍ରୁପ ପକ୍ଷରୁ ଅଙ୍ଗନୱାଡ଼ି ଓ ସ୍କୁଲର ମଧ୍ୟାହ୍ନଭୋଜନ ଦାୟିତ୍ୱ ନେଇଛୁ। ଏବେ ପରିବା ଓ ରୋଷେଇ ସାମଗ୍ରୀ ଦରର ଅହେତୁକ ଦରବୃଦ୍ଧି ଯୋଗୁ ଏହି ସରକାରୀ ଯୋଜନା ଅଚଳାବସ୍ଥାକୁ ଆସିଛି। ରୋଷେଇ ସିଲିଣ୍ଡରଠାରୁ ଆରମ୍ଭ କରି ଅଣ୍ଡା ଦର ବଢ଼ିଛି। ସରକାରଙ୍କ ମୁଣ୍ଡ ପିଛା ଖାଦ୍ୟ ଦର ବୃଦ୍ଧି ନ ହେଲେ ସ୍କୁଲ, ଅଙ୍ଗନୱାଡ଼ି, ଆହାର କେନ୍ଦ୍ର, କାଫେ ଆଦିରେ ଏହାର କୁପ୍ରଭାବ ପଡ଼ିବ। ପରିବା ବ୍ୟବସାୟୀ ସେକ୍ ଅମାନୁତୁଲ୍ଲା କହିଛନ୍ତି, ଜିଲାରେ ପରିବା ଉତ୍ପାଦନ ନାହିଁ କହିଲେ ଚଳେ। ଏଥିପାଇଁ ଆମେ ପଡ଼ୋଶୀ ଜିଲା ଓ ରାଜ୍ୟ ଉପରେ ନିର୍ଭର କରୁଛୁ। ଫଳରେ ଦରବୃଦ୍ଧି ସ୍ୱାଭାବିକ। ସାମଗ୍ରୀ କିଣା, ପରିବହନ, ଟୋଲ ଗେଟ ଆଦିର ହିସାବକୁ ଯୋଡ଼ାଗଲେ ଲାଭ ଅର୍ଥ ଯଥେଷ୍ଟ କମିଛି। ସାମାଜିକ କର୍ମୀ ବାନାମ୍ବର ସାହୁ କହିଛନ୍ତି, ଦରଦାମ ନିୟନ୍ତ୍ରଣରେ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଖାଉଟିଙ୍କ ଦୁଃଖକଷ୍ଟ ପ୍ରତି ସରକାରଙ୍କ ନିଘାନାହିଁ। ଏହାଦ୍ୱାରା ନିମ୍ନ ଓ ମଧ୍ୟବିତ୍ତ ପରିବାର ବେଶତ୍ କ୍ଷତିଗ୍ରସ୍ତ ହୋଇଛନ୍ତି। ସେହିପରି ଜିଲାରେ ବଜାର ଦର ନିୟନ୍ତ୍ରଣ ପାଇଁ ପ୍ରଶାସନିକ ଅଧିକାରୀଙ୍କ କୌଣସି ତତ୍ପରତା ନାହିଁ। ମନଇଚ୍ଛା ଖାଉଟି ଶୋଷଣ ହେଉଛନ୍ତି। ଜିଲାରେ ଶୀତଳ ଭଣ୍ଡାର ବ୍ୟବସ୍ଥା ରାଜ୍ୟ ସରକାରଙ୍କ ଫାଇଲ ତଳେ ରହିଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଖାଉଟି ବଜାରର ସୁପରିଚାଳନା ପାଇଁ ଯୋଗାଣ ବିଭାଗ ଅଧୀନରେ ଏକ କମିଟି ଅଛି। ଏ ନେଇ ସେ ଆଲୋଚନା କରିବେ ବୋଲି ସେ କହିଛନ୍ତି।


କେନ୍ଦ୍ରାପଡ଼ା ସହରର ସାଆନ୍ତ ସାହିରେ ଥିବା ପରିବା ଦୋକାନରେ ପନିପରିବା।

# ଷ୍ଟାର୍ଟ ହେଲାନି ସେବା ଏକ୍ସପ୍ରେସ୍



ଅଟକି ରହିଛି ସେବା ଏକ୍ସପ୍ରେସ୍।


ଷ୍ଟେଶନ ମାଷ୍ଟରଙ୍କ ଅଫିସ୍‌ରେ ଯାତ୍ରୀମାନଙ୍କ ପାଟିତୁଣ୍ଡ।

■ ଯାନ୍ତ୍ରିକ ତ୍ରୁଟିରୁ ଅଧିକାଂଶ ସମୟରେ ଅଚଳ
■ ଷ୍ଟେଶନରେ ବିସ୍ଫୋରକ ପରିସ୍ଥିତି
■ ଷ୍ଟେଶନ ମାଷ୍ଟର କାର୍ଯ୍ୟାଳୟରେ ଯାତ୍ରୀଙ୍କ ହୋହଲ୍ଲା, ପାଟିତୁଣ୍ଡ

**ନୟାଗଡ଼,୬।୭(ଲୋକନାଥ ମିଶ୍ର)**

ନୟାଗଡ଼ରୁ ଭୁବନେଶ୍ୱର ଯାଉଥିବା ସେବା ଏକ୍ସପ୍ରେସ ଟ୍ରେନ୍ ନୟାଗଡ଼ ରେଳ ଷ୍ଟେଶନରେ ଗୁରୁବାର ଷ୍ଟାର୍ଟ ନ ହୋଇ ଅଟକି ରହିବାରୁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ଯାନ୍ତ୍ରିକ ତ୍ରୁଟି କାରଣରୁ ବିଭିନ୍ନ ସମୟରେ ସେବା ଏକ୍ସପ୍ରେସ ଅଚଳ ହେଉଥିବାରୁ ଯାତ୍ରୀ ଓ ସ୍ଥାନୀୟ ଜନସାଧାରଣ ଉତ୍ତ୍ୟକ୍ତ ହୋଇ ନୟାଗଡ଼ ଷ୍ଟେଶନ ମାଷ୍ଟର କାର୍ଯ୍ୟାଳୟରେ ଧସେଇ ପଶି ପାଟିତୁଣ୍ଡ କରିଥିଲେ । ଉତ୍ତେଜନା ବଢ଼ି ଚାଲିଥିଲା । ବିଳମ୍ବରେ ହେଲେ ବି ଯାତ୍ରୀ ସେମାନଙ୍କ ଗନ୍ତବ୍ୟ ସ୍ଥାନକୁ ଯିବାକୁ ବ୍ୟବସ୍ଥା ହେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ପ୍ରତ୍ୟହ ଭୋର ୬.୪୫ରେ ସେବା ଏକ୍ସପ୍ରେସ ଭୁବନେଶ୍ୱର ଛାଡେ। ଗୁରୁବାର ଯାତ୍ରୀମାନେ ଟିକେଟ କାଟି ଟ୍ରେନରେ ବସିଥିଲେ । ୬ଟା ୪୫ରେ ଟ୍ରେନ ଛାଡିବା ସମୟ ହୋଇଥିଲା । ପ୍ରଥମ ଓ ୨ୟ ହୁଇସିଲ ବାଜିବା ପରେ ମଧ୍ୟ ଟ୍ରେନ ଆଗକୁ ଗଡି ନ ଥିଲା । ଏୟାରପ୍ରେସର ନେଉ ନ ଥିବାରୁ ଟ୍ରେନ ଆଗକୁ ଗଡି ନ ଥିବା ଜଣାପଡିଥିଲା । ଲୋକପାଇଲଟ ଯେତେ ଚେଷ୍ଟା କଲେ ବି ଟ୍ରେନ ଆଗକୁ ଗଡି ନ ଥିଲା। ଏ ଘଟଣା ଜଣାପଡିବା ପରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରକାଶଥାଉକି, ଜଳେଶ୍ୱରରୁ ପୁରୀ ଯାଉଥିବା ମେମୁ ଟ୍ରେନ ପୂର୍ବରୁ ନୟାଗଡ଼ରୁ ଭୁବନେଶ୍ୱର ଯାଉଥିଲା। ସମ୍ପୃକ୍ତ ମେମୁ ଟ୍ରେନରୁ ଯାତ୍ରୀ ଭଲ ସେବା ପାଇ ଆସୁଥିଲେ। ରେଳ ବିଭାଗ ଏହାକୁ ବଦଳାଇ ସେବା ଏକ୍ସପ୍ରେସକୁ ନୟାଗଡ଼-ଭୁବନେଶ୍ୱର ପାଇଁ ନିୟୋଜିତ କରିଥିଲା। ସେବା ଏକ୍ସପ୍ରେସ୍ ପ୍ରତ୍ୟହ ଭୋର ସମୟରେ ଭୁବନେଶ୍ୱର ଯାଏ। କେବଳ ନମ୍ବର ବଦଳାଇ ପୁଣି ମେମୁ ଟ୍ରେନ ନାମରେ ଭୁବନେଶ୍ୱରରୁ ନୂଆଗାଁ ଆସେ। ପୁଣି ନୂଆଗାଁରୁ ଭୁବନେଶ୍ୱର ଯାଏ । ଭୁବନେଶ୍ୱରରୁ ନମ୍ବର ବଦଳାଇ ରାତିରେ ସେବା ଏକ୍ସପ୍ରେସ ନାଁରେ ନୟାଗଡ ଆସେ। ତେବେ ଏହି ଟ୍ରେନଟି ବିଭିନ୍ନ ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଖରାପ ହୋଇ ଆସୁଛି । ଯାତ୍ରୀ ସବୁବେଳେ ହଇରାଣ ହେଉଛନ୍ତି । ଗତ ୧ ତାରିଖରେ ଟ୍ରେନଟି ନୂଆଗାଁ ଜଙ୍ଗଲରେ ଅଚଳ ହୋଇ ପଡିବାରୁ ଯାତ୍ରୀ ହଇରାଣ ହୋଇଥିଲେ ।

## ସିଗ୍‌ନାଲ ନ ପାଇ ଅଧାରେ ଅଟକିଲା ପୁରୀ ଟ୍ରେନ

ସେବା ଏକ୍ସପ୍ରେସ ନୟାଗଡ଼ ଷ୍ଟେଶନରେ ଅଟକି ରହିଥିବାରୁ ନୂଆଗାଁ-ପୁରୀ ଟ୍ରେନ ସିଗ୍‌ନାଲ ନ ପାଇ ବାଟରେ ଅଟକି ରହିଥିଲା । ନୟାଗଡ଼ରେ ଗୋଟିଏ ମାତ୍ର ପ୍ଲାଟଫର୍ମ ଥିବା ନୟାଗଡ ଷ୍ଟେଶନରେ ଲୁପ୍ ଲାଇନରେ ସେବା ଏକ୍ସପ୍ରେସ ଅଟକି ରହିଥିବାବେଳେ ସିଗ୍‌ନାଲ ନ ପାଇ ନୂଆଗାଁ-ପୁରୀ ଟ୍ରେନ ମେନ ଲାଇନରେ ଆସି ଛିଡା ହୋଇଥିଲା। ମେନ୍ ଲାଇନରେ ନୂଆଗାଁ-ପୁରୀ ଟ୍ରେନ ଛିଡା ହୋଇଥିବାରୁ ଯାତ୍ରୀ ଚଢ଼ିବା ଓ ଓହ୍ଲାଇବାରେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଅନ୍ୟପକ୍ଷେ ସେବା ଏକ୍ସପ୍ରେସର ଭୁବନେଶ୍ୱର ଯାତ୍ରୀ ପୁରୀ ଟ୍ରେନରେ ଚଢ଼ି ଖୋର୍ଦ୍ଧା ରୋଡ(ଜଟଣୀ)କୁ ଯାଇଥିଲେ। ଏନେଇ ଷ୍ଟେଶନ ମାଷ୍ଟର ସଞ୍ଜୟ ପ୍ରଧାନ କୁହନ୍ତି, ସେବା ଏକ୍ସପ୍ରେସ ଜାପାନ ଟେକ୍ନୋଲୋଜିର । ଏହା ଏକ ନୂଆ ଟ୍ରେନ । ଏହାର ମାନୁଫାକ୍‌ଚର ଡିଫେକ୍ଟ ଅଛି କି ଆଉ କ'ଣ ଅସୁବିଧା ଅଛି ଜଣାପଡୁନି। ତେବେ ସେବା ଏକ୍ସପ୍ରେସ ୨ ଘଣ୍ଟା ବିଳମ୍ବରେ ନୟାଗଡ଼ରୁ ପୁରୀ ଛାଡିଥିଲା । ସେବା ଏକ୍ସପ୍ରେସର ଭୁବନେଶ୍ୱର ଯାତ୍ରୀଙ୍କୁ ନୂଆଗାଁ -ପୁରୀ ଟ୍ରେନରେ ଛାଡି ଦିଆଯାଇଥିଲା ।

## ଆନ୍ଦୋଳନ ପାଇଁ ଚେତାବନୀ

ସେବା ଏକ୍ସପ୍ରେସ(ମେମୁ ଟ୍ରେନ) ବାରମ୍ବାର ଅଚଳ ହେଉଥିବାବେଳେ ଏହାକୁ ରେଳ ବିଭାଗ ପରିବର୍ତ୍ତନ କରୁନାହିଁ । ନୟାଗଡ଼ ଜିଲା ପ୍ରତି ରେଳ ବିଭାଗ ଅଣଦେଖା କରୁଥିବାରୁ ଏହା ସ୍ପଷ୍ଟ ହୋଇଛି । ଏଣୁ ନାଗରିକ କମିଟି ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି। ଏନେଇ ନୟାଗଡ଼ ନାଗରିକ ମଞ୍ଚ ସଭାପତି ପ୍ରମୋଦ ପଟ୍ଟନାୟକ କୁହନ୍ତି, ରେଳ ବିଭାଗର ବୈମାତୃକ ମନୋଭାବ ଓ ଖାମଖିଆଲି ନୀତି ଯୋଗୁ ଜିଲାବାସୀ ଆନ୍ଦୋଳନ କରିବାକୁ ସହମତି ପ୍ରକାଶ କରିଛନ୍ତି । ଆନ୍ଦୋଳନ ପାଇଁ ଆମେ ପ୍ରସ୍ତୁତି ଚଳାଇଛୁ ବୋଲି ସେ କହିଛନ୍ତି ।

# ମୃତା ଅଙ୍ଗନୱାଡି କର୍ମୀଙ୍କ ଝିଅଙ୍କୁ ସହାୟତା

**ଓଡ଼ଗାଁ,୬।୭(ଆଦର୍ଶ କୁମାର ପଟ୍ଟନାୟକ)**

ଓଡ଼ଗାଁ ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧୀନ ଶିଖରପୁର ଗ୍ରାମ କେନ୍ଦ୍ରର ଅଙ୍ଗନବାଡ଼ି କର୍ମୀ ପୁଷ୍ପାଞ୍ଜଳି ମିଶ୍ରଙ୍କ ଅକାଳ ବିୟୋଗରେ ବ୍ଲକ ଅଙ୍ଗନୱାଡିର କେତେକ ସଦସ୍ୟ ମୃତକାଙ୍କ ଝିଅଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ପୁଷ୍ପାଞ୍ଜଳିଙ୍କ ସ୍ୱାମୀଙ୍କ କିଛି ଦିନ ପୂର୍ବରୁ ପରଲୋକ ଘଟିଥିଲା । ମାଆଙ୍କ ପରଲୋକ ପରେ ତାଙ୍କର ଏକମାତ୍ର କଲେଜ ପଢୁଆ ଝିଅ ଏକା ହୋଇଯାଇଛନ୍ତି । ଏଥିରେ ସଂଘ ତରଫରୁ ସଭାନେତ୍ରୀ ରଞ୍ଜୁବାଳା ସାହୁ, ସମ୍ପାଦିକା ମେନକା ପଲେଇ ଓ କୋଷାଧ୍ୟକ୍ଷା ସୌଭାଗିନୀ କର ସେହି ଝିଅଙ୍କୁ ଭେଟିବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

# ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି

**ଖଣ୍ଡପଡ଼ା,୬।୭(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ସହର ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ଆସନ୍ତା ୮ ତାରିଖ ଶନିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ଖଣ୍ଡପଡାସ୍ଥିତ ବିଭିନ୍ନ ଯୁବଗୋଷ୍ଠୀ, ସାମାଜିକ କର୍ମୀମାନଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି। ଏ ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ଯୁବ ସଙ୍ଗଠକ ମହେନ୍ଦ୍ର କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲ। ଏହି କାର୍ଯ୍ୟକ୍ରମରେ ବହୁ ଯୁବକ, ସ୍ୱେଚ୍ଛାସେବୀ, ବରିଷ୍ଠ ନାଗରିକ ଓ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସ୍ୱେଚ୍ଛାକୃତ ଭାବେ ରକ୍ତଦାନ ପାଇଁ ଆଗ୍ରହୀ ଥିବା ବ୍ୟକ୍ତି, ଯୁବ ପିଢି ଓ ମହିଳାମାନେ ଶିବିରରେ ଉପସ୍ଥିତ ରହି ସ୍ୱାସ୍ଥ୍ୟପରୀକ୍ଷା କରିବା ସହ ରକ୍ତଦାନ କରିବାକୁ ଆୟୋଜକମାନେ ନିବେଦନ କରିଛନ୍ତି ।

# ସହରାଞ୍ଚଳ ଜଳାଶୟ ନବୀକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ

**ଆମ ପୋଖରୀରେ ନୟାଗଡ଼ ଓ ଓଡଗାଁର ୭ ପୋଖରୀ**


ଜଳାଶୟା ନବୀକରଣ କାର୍ଯ୍ୟକ୍ରମ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ବସିଥିବା ବୈଠକ।

**ନୟାଗଡ଼,୬।୭(ଲୋକନାଥ ମିଶ୍ର)**

ଗୁରୁବାର ଆମ ପୋଖରୀ ସହରାଞ୍ଚଳ ଜଳାଶୟ ନବୀକରଣ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିଛନ୍ତି । ଲୋକସେବା ଭବନ କନଭେଶନ ସେଣ୍ଟରରେ ସହରାଞ୍ଚଳ ଜଳାଶୟ ନବୀକରଣ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ରାଜ୍ୟର ୧୧୫ଟି ପୌରାଞ୍ଚଳରେ ୨ ହଜାର ବୃହତ୍ ଜଳାଶୟର ନବୀକରଣ ହେବ । ମିଶନ ଶକ୍ତି ମହିଳାଙ୍କ ସହଭାଗିତାରେ ପୋଖରୀର ନବୀକରଣ ଓ ରକ୍ଷଣାବେକ୍ଷଣ କରାଯିବ । ଏ ଅବସରରେ ନୟାଗଡ଼ ମ୍ୟୁନିସିପାଲିଟିରେ ବେବର୍ତ୍ତାପଲ୍ଲୀ ପୋଖରୀ, ସାଗର, ଦେୱାନ ବନ୍ଧ ୧ ଓ ୨ ଆଦି ୪ଟି ପୁଷ୍କରିଣୀ ପୁନରୁଦ୍ଧାର ହେବ । ସେହିଭଳି ଓଡ଼ଗାଁ ଏନଏସିର କାପ୍ତାଗାଡ଼ିଆ ଓ ବେଡାପୋଖରୀ ଅନୁରୂପ ଭାବେ ପୁନରୁଦ୍ଧାର ହେବ । ଏହି ଅବସରରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ନୟାଗଡ଼ ମ୍ୟୁନିସିପାଲିଟିର କାଉନସିଲର ଓ ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର ଯୋଗ ଦେଇଥିଲେ । ସେହିପରି ଓଡ଼ଗାଁ ବ୍ଲକରେ ନୟାଗଡ଼ ମ୍ୟୁନିସିପାଲିଟିର କର୍ମଚାରୀଙ୍କ ପାଇଁ କାର୍ଯ୍ୟକ୍ରମ ହୋଇଥିଲା । ଅନ୍ୟପକ୍ଷେ ଜାରିଙ୍ଗି, ଓଡ଼ଗାଁ ବ୍ଲକ କାର୍ଯ୍ୟାଳୟ ଓ ଓଡ଼ଗାଁ ଏନଏସି କାର୍ଯ୍ୟାଳୟରେ ଅନୁରୂପ ଭାବେ ଆମ ପୋଖରୀ କାର୍ଯ୍ୟକ୍ରମ ହୋଇଥିଲା । ସେହିଭଳି ଦଶପଲ୍ଲା, ଖଣ୍ଡପଡ଼ା, ରଣପୁର ଏନଏସି ପାଇଁ ସ୍ଥାନୀୟ ବ୍ଲକରେ ଅନୁରୂପ ଭାବେ ଆମ ପୋଖରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।

# ପରିବାର ପ୍ରତିପୋଷଣ ପାଇଁ ଜଙ୍ଗଲ ଭରସା


ଆଦିବାସୀ ମହିଳାମାନେ ଜଙ୍ଗଲ କାଠ ନେଇ ଫେରୁଛନ୍ତି।


ଅଙ୍ଗାର ବିକ୍ରି କରିବାକୁ ସହରକୁ ଆସିଥିବା ଜଣେ ବ୍ୟକ୍ତି।

■ ଅଙ୍ଗାର ବିକ୍ରେତାଙ୍କ ଭିନ୍ନ କାହାଣୀ
■ ଆର୍ଥିକ ସ୍ଥିତିର ଉନ୍ନତି ଉପରେ ଗୁରୁତ୍ୱ

**ଖଣ୍ଡପଡ଼ା,୬।୭(ଅଜୟ କୁମାର ମହାରଣା)**

ଜଙ୍ଗଲର ଦ୍ରୁତ ଅବକ୍ଷୟ ଯୋଗୁ ବିଗିଡ଼ି ଯାଇଛି ପରିବେଶ ସନ୍ତୁଳନ । ଏଭଳି ସ୍ଥିତିରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଖଣ୍ଡପଡ଼ା ବନାଞ୍ଚଳ ମଧ୍ୟ ବାଦ୍ ପଡିନି। ବିପଦରେ ପଡିଲାଣି ଜୈବ ବିବିଧତା। ପ୍ରକୃତିକୁ ଆଧାର କରି ପରିବାର ପ୍ରତିପୋଷଣ କରୁଥିବା ଲୋକମାନେ ବେରୋଜଗାର ହେବା ସହ ସେମାନଙ୍କ ପରମ୍ପରା ଓ ସଂସ୍କୃତି ମଧ୍ୟ ବିପଦରେ ପଡିଲାଣି । ଲୋକମାନେ ବଞ୍ଚିବା ପାଇଁ ନିତି କରୁଥିବା ସଂଗ୍ରାମ ହିଁ ଏହି ବିପଦକୁ ଟାଣି ଆଣିଛି।

ଜଙ୍ଗଲ ପାହାଡ଼ ଘେରା ନୟାଗଡ଼ ଜିଲା ତା'ର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନେଇ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଏହି ଜିଲା ମଧ୍ୟରେ ବସବାସ କରୁଥିବା ଆଦିବାସୀ ଅଧ୍ୟୁଷିତ ସମ୍ପ୍ରଦାୟର ଲୋକେ କେଉଁ ଆବହମାନ କାଳରୁ ଜଙ୍ଗଲ ଉପରେ ନିର୍ଭର କରି ସେମାନଙ୍କ ଜୀବନ ଜୀବିକା ନିର୍ବାହ କରୁଥିଲେ । ମାତ୍ର ସେମାନଙ୍କ ପାଇଁ ସମ୍ପୂର୍ଣ୍ଣ ଭାବେ ଜୀବନ ରେଖା ସାଜିଥିବା ଜଙ୍ଗଲକୁ ଆଜି ସେମାନେ ଉଜାଡି ଦେବାକୁ ପଛଘୁଞ୍ଚା ଦେଉନାହାନ୍ତି। ନିଜ ପରିବାର ଲୋକଙ୍କ ଭୋକିଲା ପେଟକୁ ଆହାର ସାଙ୍ଗକୁ ସ୍ୱାସ୍ଥ୍ୟ,ଶିକ୍ଷା ଭଳି କେତେକ ଜରୁରୀ ଆବଶ୍ୟକତା ଭରଣା ପାଇଁ କାଠ ଓ ଅଙ୍ଗାର ବିକ୍ରି କରିବା ବେଉସାକୁ ସେମାନେ ଆପଣାଇଛନ୍ତି । ଏହାର କୁପରିଣାମ ପାଇଁ ଆଜି ଧ୍ୱଂସମୁଖରେ ଠିଆ ହୋଇଛି ଜଙ୍ଗଲ । ତେବେ ପରିସ୍ଥିତିକୁ ଠିକ୍ ଭାବେ ଅନୁଧ୍ୟାନ କଲେ ଜଣାପଡେ, କଂସା ପିତଳ ବାସନ ଶିଳ୍ପ ପାଇଁ ପ୍ରସିଦ୍ଧି ଲାଭ କରିଥିବା ନୟାଗଡ଼ ଜିଲାର କଣ୍ଟିଲୋ ଓ ଏହାର ଆଖପାଖ ଇଟାମାଟି, ଶରଣକୁଳ, ରାଜସୁନାଖଳା, ଖଳିସାହି, ଗଣିଆ ଆଦି ଅଞ୍ଚଳର ଏହି ବାସନ ଶିଳ୍ପ ପାଇଁ ମୁଖ୍ୟତଃ ଅଙ୍ଗାର ବା କାଠ କୋଇଲାର ଜରୁରୀ ଆବଶ୍ୟକତା ରହିଛି । ଅଙ୍ଗାର ବିନା ଏହି ଶିଳ୍ପ ଚାଲିବା ଅସମ୍ଭବ ହୋଇ ପଡିବ । ଏଣୁ ଏହି ଶିଳ୍ପ ପାଇଁ ପାହାଡ଼ ତଳି ଅଞ୍ଚଳରେ ବସବାସ କରୁଥିବା ଲୋକେ ଜଙ୍ଗଲରୁ ଶୁଖିଲା କାଠ ସଂଗ୍ରହ ସହ ସେଥିରୁ ଅଙ୍ଗାର ପ୍ରସ୍ତୁତ କରି ସେମାନଙ୍କ ଜୀବନ ଜୀବିକା ନିର୍ବାହ କରିଥାନ୍ତି । ଜୀବନ ଧାରଣ ପାଇଁ ପେଷି ହୋଇଯାଉଥିବା ଆଦିବାସୀମାନେ କିଭଳି ବିପଦସଙ୍କୁଳ ତଥା ବେଆଇନ ଅଙ୍ଗାର ବା କାଠ କୋଇଲା ଉତ୍ପାଦନ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି, ତାହା ଏଠି ଦେଖିବାକୁ ମିଳେ। ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସାତଗୋଛିଆ, ଗିରିଡିପଲ୍ଲୀ, କିଆଝର, ନୂଆପଲ୍ଲୀ, ସିଂଘାପଡା, ବେଡାଙ୍ଗୀ, ଖୁଣ୍ଟୁବନ୍ଧ, ଗଡିଆସାହି, କନ୍ଧମିରିଗି ଆଦି ଅଞ୍ଚଳର ୫ ଶହରୁ ଊର୍ଦ୍ଧ୍ୱ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଲୋକେ ଏଠାରେ ବାସ କରନ୍ତି । ସେମାନଙ୍କ ଚାଷ ଜମିର ଅଭାବ ସାଙ୍ଗକୁ ଗମନାଗମନ ଓ ପାନୀୟ ଜଳ ଅସୁବିଧା ସ୍ଥାୟୀ ସମସ୍ୟା ହୋଇରହିଛି। ଜୀବନ ଜୀବିକା ପାଇଁ ଜଙ୍ଗଲ ହିଁ ସେମାନଙ୍କ ଏକମାତ୍ର ଭରସା। ଏହି ଅଞ୍ଚଳର ଅନେକ ପରିବାର ଜଙ୍ଗଲରେ ଅଙ୍ଗାର ପୋଡ଼ି କଂସା ପିତଳ ବାସନ ଶିଳ୍ପ ଥିବା ଗ୍ରାମମାନଙ୍କରେ ବିକି ତେଲ, ଲୁଣ, ଲୁଗା, ଔଷଧ ଆଦି କିଣିଥାନ୍ତି ବୋଲି ସେହି ଅଞ୍ଚଳର ଦୃତିଆ ନାୟକ, ଭରତ ନାୟକ, ରମେଶ ନାୟକ, ଛୋଟା ନାୟକ, ମଧୁ ନାୟକ ପ୍ରମୁଖ ପ୍ରକାଶ କରିଛନ୍ତି। ଏହା ଛଡା ସମ୍ପୃକ୍ତ ସମ୍ପ୍ରଦାୟର ମହିଳାମାନେ ଦୀର୍ଘ ପଥ ଅତିକ୍ରମ କରି ଜାଳେଣି କାଠ ସଂଗ୍ରହ କରିବାକୁ ଜଙ୍ଗଲକୁ ଯାଇଥାନ୍ତି । ଜଙ୍ଗଲରୁ ଜାଳ କାଠ ସଂଗ୍ରହ କରି ମୁଣ୍ଡରେ ବୋହି ପାହାଡ଼ଠାରୁ ଦୀର୍ଘ ୧୦ରୁ ୧୨ କିମି ଦୂର ବିଭିନ୍ନ ଗ୍ରାମରେ ବୁଲି ବୁଲି କାଠ ବିକ୍ରି କରିଥାନ୍ତି । ସେମାନଙ୍କ ପାଇଁ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ସ୍ୱପ୍ନ ପାଲଟିଥିବା କାଳିଆପଲ୍ଲୀ ଗ୍ରାମର ମୁରଲୀ ବେହେରା, ବ୍ରଜବନ୍ଧୁ ନାୟକ ପ୍ରମୁଖ ସୂଚନା ଦେଇଛନ୍ତି । ତା'ଛଡା ଅନେକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଲୋକମାନଙ୍କ ନିଜର କ୍ଷେତବାଡି ନ ଥିବାରୁ କାମ କରି ପରିବାର ଚଳାଇବାକୁ କୌଣସି ଆଇନସିଦ୍ଧ ପନ୍ଥା ନ ଥିବାରୁ ସେମାନେ ଅଙ୍ଗାର ପ୍ରସ୍ତୁତ କରି ବିକିବା ବେଉସାକୁ ଆପଣାଇଛନ୍ତି।

ଏ ସଂକ୍ରାନ୍ତରେ ପାଗଳ ନାୟକ କୁହନ୍ତି, ସେ ଯୁକ୍ତ୨ ପାଠପଢା ସମ୍ପନ୍ନ କରିଥିଲେ ମଧ୍ୟ ବହୁବାର ଚାକିରି ପାଇଁ ଆବେଦନ କରି ବିଫଳ ହୋଇଥିଲେ। ଏହା ପରେ ବାପା ଜେଜେ ଅମଳରୁ ଚାଲି ଆସିଥିବା ଅଙ୍ଗାର ବିକା ବେଉସା ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଛନ୍ତି । ପୂର୍ବେ ଏହି ବେଆଇନ କାର୍ଯ୍ୟପ୍ରତି କଟକଣା ନ ଥିବା ବେଳେ ଏବେ ସେମାନେ ସାମ୍ନା କରୁଛନ୍ତି ଅଧିକରୁ ଅଧିକ କଟକଣା ଓ ପ୍ରତିବନ୍ଧକ। ଅନ୍ୟ କୌଣସି ରୋଜଗାର ପନ୍ଥା ନ ଥିବାରୁ ଯେତେ ଅସୁବିଧା ହେଉ ପଛେ ଛାଡି ପାରୁନାହାନ୍ତି ଅଙ୍ଗାର ଉତ୍ପାଦନ ଭଳି ବେଆଇନ କାର୍ଯ୍ୟ । ଏ ସମ୍ପର୍କରେ ଗାଁର ବୟସ୍କ ବ୍ୟକ୍ତିମାନେ କୁହନ୍ତି, ଅଙ୍ଗାର ପ୍ରସ୍ତୁତି ପାଇଁ ୨ ଦିନ ସମୟ ଲାଗେ । ପାହାନ୍ତାରୁ ପଖାଳ ଖାଇ ୧୫ରୁ ୨୦ କିମି ଦୂର ବିଭିନ୍ନ ଜଙ୍ଗଲକୁ ଯାଇ ଶୁଖିଲା କାଠକୁ ସଂଗ୍ରହ କରି ଏକ ଖାତ ମଧ୍ୟରେ ଗଦାଯାଏ । ପରେ ସେଥିରେ ନିଆଁ ଲଗାଇ ସମ୍ପୂର୍ଣ୍ଣ ଜଳି ସାରିବା ପରେ ତା'ଉପରେ ମାଟି ଘୋଡାଇ ଦେଇଥାଉ । ନିଆଁ ପୂରା ଲିଭି ଥଣ୍ଡା ହେବା ବେଳକୁ ରାତି ପ୍ରାୟ ହୋଇ ଯାଇଥାଏ । କାଠ ପୋଡ଼ି ଅଙ୍ଗାର ହେବା ପରେ ତାକୁ ବସ୍ତାରେ ପୂରାଇ ଘରକୁ ଆଣିଥାଉ । ତା'ପର ଦିନ ଏହାକୁ ଭାର କରି କିମ୍ବା ସାଇକେଲରେ ନେଇ ଗ୍ରାମମାନଙ୍କୁ ଯାଇ ବିକ୍ରି କରିଥାଉ। ଅଙ୍ଗାର ଭାର ପ୍ରତି ୧୨ଶହରୁ ୧୫ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ । ଅଙ୍ଗାର ପ୍ରସ୍ତୁତିଠାରୁ ବିକିବା ଯାଏ ବିପଦ ରହିଛି । ଗୋଟିଏ ପଟେ ନିଆଁ ସହ କାମ କରୁଥିବା ଲୋକଙ୍କ ଜୀବନ ପ୍ରତି ବିପଦ ଥାଏ। ଅନ୍ୟ ପଟେ ଅଙ୍ଗାର ବିକ୍ରି କରିବାକୁ ଗଲାବେଳେ ବନ ବିଭାଗ କର୍ମଚାରୀମାନେ ଧରପଗଡ଼ କରି ଆମକୁ ଅସୁବିଧାରେ ପକାଇଥାଆନ୍ତି। ଏପରି କି ଆମମାନଙ୍କୁ ଗିରଫ କରି କୋର୍ଟକୁ ପଠାଇଥାଆନ୍ତି । ଫଳରେ ଆମ ପରିବାର ଲୋକେ ନାନା ସମସ୍ୟା ମଧ୍ୟରେ ଗତି କରିଥାଆନ୍ତି । ଏହି ପରିପ୍ରେକ୍ଷୀରେ ଜଙ୍ଗଲ ସୁରକ୍ଷା ଚିନ୍ତା କରାଗଲେ ସବୁଠୁ ବଡ଼ କଥା ହେବ କାଠ ଓ ଅଙ୍ଗାର ପାଇଁ ଜଙ୍ଗଲ ଧ୍ୱଂସ କରିବା କାର୍ଯ୍ୟରୁ ସେହି ବ୍ୟକ୍ତିମାନଙ୍କୁ ବିରତ ରଖିବା। ଏଥିପାଇଁ ସେମାନଙ୍କ ପାଇଁ କର୍ମ ସଂସ୍ଥାନ ଯୋଗାଇବା ସହିତ ଆର୍ଥିକ ଓ ସାମାଜିକ ବିକାଶ ପ୍ରତି ସରକାର ଧ୍ୟାନ ଦେବା ଜରୁରୀ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଏ.ଗୁରୁ କ୍ରିଷ୍ଣା


@ ଗୁଡୁଲି


@ ନାରାୟଣ


@ ନିତୁ


@ ସଦାନନ୍ଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭାପୁର ତହସିଲରେ କର୍ମଚାରୀଙ୍କ ଅଭାବ

**ଗୁରୁତ୍ୱପୂର୍ଣ୍ଣ କାମ ବନ୍ଦ, ଲୋକେ ହନ୍ତସନ୍ତ**

**ଭାପୁର,୬।୭(ଭରତ କୁମାର ବେହେରା)**

ଭାପୁର ତହସିଲରେ କର୍ମଚାରୀ ଅଭାବ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭାପୁର ତହସିଲ କାର୍ଯ୍ୟାଳୟରେ ୮ଜଣ ଅମଲା ରହିବା ପାଇଁ ପଦବୀ ରହିଛି। ହେଲେ ୮ଜଣ ମଧ୍ୟରୁ ୨ ଜଣ ରହିଛନ୍ତି। ସେହିପରି ୭ଜଣ ଆରଆଇ ମଧ୍ୟରୁ ୨ ପଦବୀ ଖାଲି ପଡ଼ିଛି। ଗୋଳାପୋଖରୀ ଆରଆଇ ପଦବୀ ଖାଲି ପଡିଥିବା ବେଳେ ଶୁକ୍ରବାର ଜଣେ ଆରଆଇ କାର୍ଯ୍ୟରେ ଯୋଗ ଦେବେ ବୋଲି ସୂଚନା ମିଳିଛି। ଭାପୁର, ଶାଳପଡା,ବାଘୁଆପଲ୍ଲୀ, ଫତେଗଡ଼ ଆରଆଇ ଥିବାବେଳେ ରାକମା ଓ ମାରଡାରେ ଜଣେ ଆରଆଇ ଦୁଇଟି ସ୍ଥାନରେ କାମ କରୁଛନ୍ତି। ଅତିରିକ୍ତ ଆରଆଇ ୩ଟି ପଦବୀ ମଧ୍ୟରୁ ଗୋଟିଏ ପଦବୀ ଖାଲି ରହିଛି। ଯେଉଁ ଠାରେ ୮ଜଣ ଚତୁର୍ଥ କର୍ମଚାରୀ ରହିବା କଥା ସେହି ସ୍ଥାନରେ ଜଣେ ଚତୁର୍ଥ କର୍ମଚାରୀ ଅଛନ୍ତି, ଯିଏ କି ରାତିକାଳିନ କାମ କରୁଛନ୍ତି । ଫଳରେ ଦୈନନ୍ଦିନ କାର୍ଯ୍ୟରେ ଆସିଥିବା ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ବିଶେଷ କରି ଜମିଜମା ପଟ୍ଟା, ସାର୍ଟିଫିକେଟ, ମ୍ୟୁଟେଶନ କାର୍ଯ୍ୟରେ ହନ୍ତସନ୍ତ ହେଉଛନ୍ତି। ଏନେଇ ଭାପୁର ଅଞ୍ଚଳର ସାମାଜିକ କର୍ମୀ ନିତୁ ରଞ୍ଜନ ଦାଶ ଅସନ୍ତୋଷ ପ୍ରକାଶ କରିବା ସହ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବେ ବୋଲି ସୂଚନା ଦେଇଛନ୍ତି। ପୂର୍ବରୁ ଭାପୁରରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ପାଇଁ ଭାପୁର ଅଞ୍ଚଳରେ ଆନ୍ଦୋଳନପନ୍ଥା ଗ୍ରହଣ କରିଥିବା ବେଳେ ବର୍ତ୍ତମାନ ତହସିଲ ପ୍ରଶାସନ ପକ୍ଷରୁ ସେବା ନ ମିଳିବା ନେଇ ଆଗକୁ ଏକ ଆନ୍ଦୋଳନପନ୍ଥା ଦାନା ବାନ୍ଧୁଥିବା ଆଲୋଚନା ହେଉଛି। ଏନେଇ ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସହ ପଦବୀ ପୂରଣ କରିବା ନେଇ ଦାବି ହେଉଛି। ଭାପୁର ତହସିଲରେ କର୍ମଚାରୀ ଅଭାବ ସହିତ ଅବ୍ୟବସ୍ଥା ସମ୍ପର୍କରେ ଭାପୁର ତହସିଲଦାର ଲମ୍ବଜିତ୍ ବେହେରାଙ୍କୁ ପଚାରିବାରୁ ଏକାଧିକ ପଦବୀ ଖାଲି ରହିଥିବାରୁ ସମସ୍ୟା ହେଉଛି। ତଥାପି ଜନସାଧାରଣଙ୍କ କାମ ତୁରନ୍ତ କରିବା ପାଇଁ ଆମେ ଉଦ୍ୟମ ଜାରି ରଖିଛୁ ।

